
ଧରିତ୍ରୀ
DHARITRI

March 3-9, 2024 ₹ 2/-

ଧରିତ୍ରୀ 50 Years

ଛୁଟିଦିନ




# ଓମେନ ବଡ଼ି ବିଲ୍‌ଡର

ପ୍ରଚ୍ଛଦ ପ୍ରସଙ୍ଗ

୩





ଦିନେ ବଡି ବିଲ୍ଡିଂ ଥିଲା କେବଳ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ। ହେଲେ ଏବେ ଅନେକ ମହିଳା ଆସିଲେଣି ଏହି କ୍ଷେତ୍ରକୁ। ସମାଜର କଟାକ୍ଷ ସେମାନଙ୍କ ପଥରୋଧ କରିବାକୁ ବାର ବାର ଚେଷ୍ଟା କରୁଥିଲା ସତ। ତଥାପି ଦୃଢ଼ ମନୋବଳ, କଠିନ ପରିଶ୍ରମ କରି ସେମାନେ ବଡ଼ି ବିଲ୍ଡର ଭାବେ ନିଜର ପରିଚୟ ଗଢିବାରେ ସଫଳ ହୋଇଛନ୍ତି। ଆଉ ଦେଶ ବିଦେଶରେ ପାଉଛନ୍ତି ଅଜସ୍ର ସମ୍ମାନ...

# ମହାଶିବରାତ୍ରୀରେ କ'ଣ କଲେ ଶୁଭ

**ମହାଶିବରାତ୍ରୀରେ ଭଗବାନ ଶିବଙ୍କୁ ପବିତ୍ର ମନରେ ଆରାଧନା କଲେ ପ୍ରଭୁକୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ହେଲେ ଜାଣନ୍ତି କି ଏମିତି ବି କିଛି ଖାସ୍ କାର୍ଯ୍ୟ ରହିଛି; ଯାହାକୁ ଏହି ପବିତ୍ର ଦିନରେ କଲେ ଘରେ ସୁଖସମୃଦ୍ଧି ବୃଦ୍ଧି ହେବା ସହ ଅନେକ ବାସ୍ତୁଦୋଷରୁ ମଧ୍ୟ ମୁକ୍ତି ମିଳିଥାଏ...**

✲ ଘରେ ଯଦି ସବୁବେଳେ ଝଗଡ଼ା ଲାଗୁଥାଏ କିମ୍ବା ରୋଗବ୍ୟାଧି ଦେଖାଯାଉଥାଏ, ତା'ହେଲେ ଘରର ଉତ୍ତର ପୂର୍ବ ଦିଗରେ ଥିବା କୌଣସି ଶିବ ମନ୍ଦିରରେ ମହାଶିବରାତ୍ରୀ ଦିନ ଜଳାଭିଷେକ କଲେ ଏହି ସମସ୍ୟାରୁ ଅନେକାଂଶରେ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

✲ ସେହିପରି କୁହାଯାଏ, ଏହି ପବିତ୍ର ଦିନରେ ଭୋର୍‌ରୁ ଗଙ୍ଗାଜଳ, ମଧ୍ୟାହ୍ନରେ କ୍ଷୀର, ସନ୍ଧ୍ୟାରେ ମହୁ ଏବଂ ରାତିରେ ଘିଅରେ ପ୍ରଭୁଙ୍କର ଅଭିଷେକ କଲେ ଘରେ ସମସ୍ତଙ୍କର ମଙ୍ଗଳ ହେବା ସହ ସକାରାତ୍ମକ ଊର୍ଜ୍ଜା ବୃଦ୍ଧି ପାଇଥାଏ।



✲ ମହାଶିବରାତ୍ରୀ ଦିନ ମହାପ୍ରଭୁ ଶିବଙ୍କର ସମ୍ପୂର୍ଣ୍ଣ ପରିବାର(ଭଗବାନ ଶିବ, ମାତା ପାର୍ବତୀ, ପ୍ରଭୁ କାର୍ତ୍ତିକେୟ ଓ ପ୍ରଭୁ ଗଣେଶ) ଏକାଠି ଥିବା ଫଟୋ ଘରେ ଲଗାଇଲେ ପିଲାମାନେ ଆଜ୍ଞାକାରୀ ହୋଇଥାନ୍ତି। ପରିବାର ସଦସ୍ୟଙ୍କ ଭିତରେ ପ୍ରେମ, ଭଲ ପାଇବା ବଢ଼ିଥାଏ।

✲ ଏହି ପବିତ୍ର ଦିନରେ ଓମ୍ ନମଃ ଶିବାୟ ମନ୍ତ୍ର ଜପ କରିବା ସହ ପ୍ରଭୁଙ୍କୁ ୧୦୮ ବେଲପତ୍ର ଅର୍ପଣ କରିବା ଶୁଭ ହୋଇଥାଏ। ପ୍ରଭୁଙ୍କୁ ଅର୍ପଣ କରିଥିବା ବେଲପତ୍ରରୁ ଗୋଟିଏ ଆଶୀର୍ବାଦ ସ୍ୱରୂପ ଆଣି ଘରର ଟ୍ରେଜେରୀରେ ରଖିଲେ, ଆର୍ଥିକ ସମସ୍ୟା ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୩-୯

### ମେଷ



କର୍ମ ପରିସର ବଢ଼ିବ, ବକେୟା ଅର୍ଥ ପାଇବେ, ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟି, ସାମାଜିକ ପ୍ରତିଷ୍ଠା, କର୍ମକ୍ଷେତ୍ରରେ ବିତର୍କ, ବାଣିଜ୍ୟରେ ପ୍ରତିବନ୍ଧକ, ସଭାସମିତିକୁ ନିମନ୍ତ୍ରଣ, ପାରିବାରିକ ସୌଖ୍ୟ, ଶୁଭ ଖବରପ୍ରାପ୍ତି ।।

### ବୃଷ



ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ପରାମର୍ଶ, ସନ୍ତାନଙ୍କ ବିଶୃଙ୍ଖଳା, ଜମିଜମା ବିବାଦ, ରଚନାତ୍ମକ କାର୍ଯ୍ୟାରମ୍ଭ, ପାରିବାରିକ ଶାନ୍ତି, ପ୍ରଶାସନିକ ଆଲୋଚନା, ମାନସିକ ଦ୍ୱନ୍ଦ୍ୱ, ବ୍ୟବସାୟିକ ସଫଳତା, ଧର୍ମକାର୍ଯ୍ୟ କରିବେ ।।

### ମିଥୁନ



ଅର୍ଥର ପ୍ରାଚୁର୍ଯ୍ୟ, ନୂତନ କର୍ମାରମ୍ଭ, ଆନୁସଙ୍ଗିକ ସହଯୋଗପ୍ରାପ୍ତି, ଦୂରଦର୍ଶିତାର ଅଭାବ, ଭୂଲ୍ ନିଷ୍ପତ୍ତିରୁ ସମସ୍ୟା, ଯାତ୍ରାରେ ପ୍ରତିବନ୍ଧକ, ମାଲିମକଦ୍ଦମାରେ ବିଜୟ, କ୍ରନିକ୍‌ରୋଗରେ ପୀଡ଼ା, ବନ୍ଧୁମିଳନ ।।

### କର୍କଟ



ସମସ୍ୟାର ସମାଧାନ, ଶାନ୍ତ ବାତାବରଣ, ଧର୍ମସଂକଟରେ ପଡ଼ିପାରନ୍ତି, ନିଷ୍ପତ୍ତିର ପରିବର୍ତ୍ତନ, ସାମାଜିକ ସମ୍ମାନ, ପାରିବାରିକ ଶାନ୍ତି, ଆର୍ଥିକ ଅନଟନ, ସହକର୍ମୀଙ୍କ ସହଯୋଗ, ବିବାଦୀୟରେ ବିଜୟ ।।

### ସିଂହ



ସାମାଜିକ ପ୍ରତିଷ୍ଠା, ପାରିବାରିକ ଶାନ୍ତି, ସମସ୍ୟା ପ୍ରତିହତ କରିବେ, ପ୍ରତିଯୋଗୀତାରେ ସଫଳତା, ଯାନବାହନ କିଣିପାରନ୍ତି, ନୂତନ କର୍ମସଂସ୍ଥାନ, ବିଦେଶଯାତ୍ରାର ଯୋଜନା, ଅନୁକୂଳ ପରିବେଶ, ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି, ସମସ୍ୟା ସମାଧାନ ।।

### କନ୍ୟା



ନୂତନ ପ୍ରକଳ୍ପାରମ୍ଭ, ନୂତନସ୍ଥାନ ଭ୍ରମଣ, ଶତ୍ରୁତାର ସାମନା, ସଂଘର୍ଷମୟ ସ୍ଥିତି, ସାହିତ୍ୟାନୁରାଗୀ ହେବେ, ଅଯଥା ବିବାଦ, କର୍ମକ୍ଷେତ୍ରରେ ଗୌରବ, ନୂଆସମ୍ପର୍କ ଯୋଡିବେ, ଭୁଲ୍‌ଖବର ପାଇପାରନ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବେ ।।

### ତୁଳା



ସ୍ୱାଭିମାନୀ ହେବେ, ପ୍ରତୀକ୍ଷାଜନିତ କଷ୍ଟ, ଅର୍ଥ ସମ୍ପର୍କରେ ତର୍କ, ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ, ମାନସିକ ଚାପ, ଭାବମୂର୍ତ୍ତି ବଢ଼ିବ, ରାଜନୈତିକ ବିବାଦ, ସାଂଗଠନିକ ଆଲୋଚନା ।।

### ବିଛା



ସମ୍ପର୍କ ହ୍ରାସ ଘଟିପାରେ, ଗୋଳମାଳିଆ ପରିସ୍ଥିତି, ଅଧସ୍ଥନଙ୍କ ବେଖାତିର, ଅସାବଧାନତାରୁ ଦ୍ରବ୍ୟ ନଷ୍ଟ, ବିବାଦୀୟ ପରିସ୍ଥିତି, ଘରଭଡ଼ାକୁ ନେଇ ବିତର୍କ, ବ୍ୟବସାୟିକ ସଫଳତା, ଗୃହସୀମା ବିବାଦ, ସନ୍ତାନଙ୍କ କୃତିତ୍ୱ, ସ୍ୱଜନ ଶତ୍ରୁତା ।।

### ଧନୁ



ନିରଳସ କର୍ମନୈପୁଣ୍ୟ, ବନ୍ଧୁ ସମ୍ପର୍କରେ ଉନ୍ନତି, ନୂତନ କାମର ପରିକଳ୍ପନା, ଆନୁଷ୍ଠାନିକ କର୍ମାରମ୍ଭ, ଜନମଙ୍ଗଳ କାର୍ଯ୍ୟ, ଋଣ ପରିଶୋଧ, ବିଚଳିତ ମନ, ଅର୍ଥସଙ୍କଟ, ବନ୍ଧୁଙ୍କ ଦ୍ୱାରସ୍ଥ ହେବେ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ତୀର୍ଥାଟନର ସୁଯୋଗ ।।

### ମକର



ପ୍ରତିବନ୍ଧକ ଦୂର ହେବ, ପାରିବାରିକ ଶାନ୍ତି, ଅର୍ଥପ୍ରାପ୍ତିରେ ବାଧା, ପ୍ରଗତିର ପଥରୋଧ, ସଭାସମିତିକୁ ନିମନ୍ତ୍ରଣ, ଟେନସନ୍ ବୃଦ୍ଧି ପାଇବ, ପଡୋଶୀଙ୍କ ସହ ଝଗଡା, ଅପ୍ରିୟସତ୍ୟ ଭାଷଣ, ବନ୍ଧୁ ସମ୍ପର୍କରେ ନ୍ୟୁନତା, ଭ୍ରାତୃସମ୍ପର୍କରେ ଉନ୍ନତି, ଦୈହିକ ଦୁର୍ବଳତା, ବାଣିଜ୍ୟର ଅଭିବୃଦ୍ଧି ।।

### କୁମ୍ଭ



କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସମସ୍ୟା ବଢ଼ିପାରେ, ପ୍ରଗତି ପଥରେ ବିରୋଧ, ଭୁଲ୍ ବୁଝାମଣା ବୃଦ୍ଧି, ବିଦେଶଯାତ୍ରାର ସୁଯୋଗ, ପରିବହନରେ ଝଗଡା, କ୍ରନିକ ରୋଗରେ ପୀଡା, ବନ୍ଧୁତାରେ ଫାଟ, କଳାକ୍ରୀଡାରେ ତ୍ରୁଟି, ଧନପ୍ରାପ୍ତିର ସୁଯୋଗ, କର୍ମ ଜଞ୍ଜାଳ ବୃଦ୍ଧି ।।


### ମୀନ



ସୁସ୍ଥତା ଫେରିବ, ଗଠନମୂଳକ କାର୍ଯ୍ୟ, ପରିସ୍ଥିତି ବଦଳିବ, ଅର୍ଥନୈତିକ ଅଭିବୃଦ୍ଧି, କଚେରୀ ମାମଲାରେ ବିଳମ୍ବ,କାରିଗରୀ ବିଦ୍ୟାରୁ ପ୍ରଶଂସା, ସ୍ୱର୍ଣ୍ଣାଳଙ୍କାର କିଣିବେ, ପ୍ରଶାସନିକ ତତ୍ପରତା, ପ୍ରକାଶନରେ ବିଳମ୍ବ, ଯାନ୍ତ୍ରିକତ୍ରୁଟିରୁ ଯାତ୍ରାହାନୀ, ସତ୍‌ସଙ୍ଗର ସୁଯୋଗ ।।

# ପ୍ରଭୁ କୃପା ପାଇଁ...

ହିନ୍ଦୁ ଧର୍ମରେ ମହାଶିବରାତ୍ରୀକୁ ବେଶ୍ ଶ୍ରଦ୍ଧାର ସହ ପାଳନ କରାଯାଇଥାଏ। ଏହିଦିନ ବିଭିନ୍ନ ଶୈବପୀଠରେ ଭକ୍ତଙ୍କର ଖୁବ୍ ଭିଡ଼ ଜମେ। କିଏ ପ୍ରଭୁଙ୍କୁ ଦର୍ଶନ କରିବାକୁ ବ୍ୟାକୁଳ ହେଉଥାନ୍ତି ତ କିଏ ପ୍ରଭୁଙ୍କ ନାମ ଜପିବାରେ ମଜ୍ଜି ଯାଇଥାନ୍ତି। ଯିଏ ପବିତ୍ର ମନରେ ତାଙ୍କୁ ସୁମରଣା କରନ୍ତି, ପ୍ରଭୁ ତାଙ୍କୁ ଆଶୀର୍ବାଦ କରିବା ସହ ତାଙ୍କର ସବୁ ମନୋସ୍କାମନାକୁ ପୂରଣ କରିଥାନ୍ତି। ହେଲେ ଏମିତି ବି କିଛି ବ୍ୟକ୍ତି ଥାନ୍ତି; ଯେଉଁମାନେ ଗୋଟେ ପଟେ ପ୍ରଭୂଙ୍କୁ ଆରାଧନା କରୁଥାନ୍ତି, ହେଲେ ଅନ୍ୟପଟେ ଛୋଟ ଛୋଟ କଥାକୁ ନେଇ କାହା ସହିତ ଝଗଡ଼ା କରିବାକୁ ମଧ୍ୟ ପଛାଇ ନଥାନ୍ତି। ସେମିତି ଆଉ କିଛି ବ୍ୟକ୍ତି ଥାନ୍ତି ଯେଉଁମାନେ ଜାଣନ୍ତରେ ହୁଅନ୍ତୁ କି ଅଜାଣରେ ଗରିବ ଶ୍ରେଣୀର ଲୋକଙ୍କୁ ହଇରାଣ କରିବାରେ ଆନନ୍ଦିତ ହୋଇଥାନ୍ତି। କିନ୍ତୁ ଏପରି କରିବା ଆଦୌ ଠିକ୍ ନୁହେଁ; ଖାସ୍ କରି ମହାଶିବରାତ୍ରୀ ଦିନ। କାରଣ ଭୋଳାନାଥଙ୍କୁ ଏହା ଆଦୌ ପସନ୍ଦ ନୁହେଁ। ବରଂ ଏହି ପବିତ୍ର ଦିନରେ ବଡ଼ମାନଙ୍କୁ ସମ୍ମାନ କରିବା, ଗରିବ ଶ୍ରେଣୀର ଲୋକଙ୍କୁ ପେଟ ଭର୍ତ୍ତି ଭୋଜନ କରାଇବା



ଅଥବା ସେମାନଙ୍କୁ କିଛି ସାହାଯ୍ୟ କରିବା ଦ୍ୱାରା ପ୍ରଭୁ କୃପା ଲାଭ ହୋଇଥାଏ। ସେହିପରି ଲୋକଙ୍କ ଉପରେ ନ ରାଗି ବରଂ ଶ୍ରଦ୍ଧାର ସହ ସମସ୍ତଙ୍କ ସାଙ୍ଗେ କଥା ହେଲେ ପ୍ରଭୁ ଖୁସି ହୋଇଥାନ୍ତି। ସେଥିପାଇଁ ତ ବଡ଼ ବଡ଼ ଜ୍ଞାନୀ ଲୋକ କହିଯାଇଛନ୍ତି, ମନ୍ଦିରରେ ଯାଇ ଖାଲି ପୂଜା କରିଦେଲେ ମନ ପବିତ୍ର ହୋଇଯିବ ତାହା ନୁହେଁ ନିଜ ମନରେ ଥିବା ଲୋଭ, ମାୟା, ରାଗ, ହିଂସାକୁ ଯିଏ ଛାଡ଼ି ପାରିବ ତାହାର ମନ ଆପେ ଆପେ ଶୁଦ୍ଧ ହୋଇଯିବ।

# ପାଠକୀୟ

✲ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ମିଠା ମିଳିଥାଏ। ଯାହାର ପ୍ରସ୍ତୁତି ପ୍ରଣାଳୀ ଓ ସ୍ୱାଦ ପୁରା ନିଆରା ଥାଏ। ତେବେ ଏହି ମିଠା ଯେତେବେଳେ ସମସ୍ତଙ୍କର ପ୍ରିୟ ହୋଇଯାଏ, ତାହା ସେହି ଅଞ୍ଚଳ ନାଁରେ ଯୋଡ଼ି ହୋଇଯାଏ। ସେମିତି କିଛି ମିଠା ପଛର କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମିଠା ପଛର କଥା'ଟି ଏକ ନିଆରା ଆଲେଖ୍ୟ ଥିଲା। 'ପେଟରେ ଇନ୍‌ଫେକ୍ସନ୍ ହେଲେ କ'ଣ ଖାଇପାରିବେ', 'ସୁପର୍ ଫୁଡ୍ ଅଁଳା' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଅନୁରାଧା ବିଶ୍ୱାଳ, ଝାରପଡ଼ା, ଭୁବନେଶ୍ୱର*

✲ ପ୍ରତ୍ୟେକ ଅଞ୍ଚଳର ଖାଦ୍ୟପେୟ ଅଲଗା ଅଲଗା। ଆଉ ସେହି ଖାଦ୍ୟପେୟ ଯେତେବେଳେ ସମସ୍ତଙ୍କର ପ୍ରିୟ ହୋଇଯାଏ ସେତେବେଳେ ତାହା ସେ ଅଞ୍ଚଳର ନାଁରେ ଯୋଡ଼ି ହୋଇଯାଏ। ଯେମିତି କି ମିଠା। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ମିଠା ମିଳିଥାଏ। ସେମିତି କିଛି ମିଠା ପଛର କାହାଣୀକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ମନଛୁଆଁ ହୋଇପାରିଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ଭେଲ୍‌ଭେଟ୍ ଆଉଟ୍‌ଫିଟ୍' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ସୌମେନ୍ଦ୍ର ଦାସ, ଭବାନୀପାଟଣା*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ସ୍ନେହର ସୂତ୍ର' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। 'ହିସାବ' ଶୀର୍ଷକ କବିତାଟି ବି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଇମୋଶନାଲ ସମ୍ବିତ, ବରୁଣଙ୍କ ପ୍ରଶଂସାରେ ଶ୍ରଦ୍ଧା, ଅମୀଷାଙ୍କ ଘୋଡ଼ା ଚଢା ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା।

*– ପ୍ରୀତି ସୁନ୍ଦର ପାଣିଗ୍ରାହୀ, ଝାରସୁଗୁଡ଼ା*

✲ ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର୍‌ଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ଚିତ୍ରକର ପ୍ରାଣୀ' ଶୀର୍ଷକ ଆଲେଖ୍ୟଟି ବେଶ୍ ନିଆରା ଲାଗୁଥିଲା ପଢିବାକୁ। ମଡେଲ୍ ମିରର୍‌ରେ ଅନ୍ୱେଷା ଖୁବ୍ ସୁନ୍ଦରୀ ଲାଗୁଥିଲେ। *– ସୌମେନ୍ଦ୍ର ସାହୁ, ଯାଜପୁର*

✲ ସହର ପୃଷ୍ଠାରୁ କନୱାର୍ ହ୍ରଦ ପକ୍ଷୀ ଅଭୟାରଣ୍ୟ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'କୁତୁକୁତୁ ଲାଗେ କାହିଁକି' ଶୀର୍ଷକ ଲେଖାଟି ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିଲା। ସେହିପରି ଏଥରର ବ୍ୟଙ୍ଗ 'ମରମ କାନ୍ଦେ' ଶୀର୍ଷକ ଆଲେଖ୍ୟଟି ମନଛୁଆଁ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା।

*– ପୁଷ୍ପାଞ୍ଜଳି ମିଶ୍ର, ଚାନ୍ଦବାଲି, ଭଦ୍ରକ*



## ବିଶେଷ ଚିଠି

ଏଥରର ପ୍ରଚ୍ଛଦରେ ଥିଲା
ମିଠା ପଛର କଥା,
ଦେଉଥିଲା ପାଠକଙ୍କୁ
ଏହା ନୂଆ ନୂଆ ବାର୍ତ୍ତା।
ସାଥୀର ଉତ୍ତର ବି
ଲାଗୁଥିଲା ଚମତ୍କାର,
ମନ କିଣି ନେଉଥିଲା
ପୁଣି ତୁମ ସହରଠୁ ଦୂର।
ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ଝୁରୁଛି ମୋ ମନ ନିତିଦିନ।

*– ପ୍ରିୟଙ୍କା ଚୌଧୁରୀ, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଓମେନ ବଡ଼ି ବିଲ୍ଡର

**ଦିନେ ବଡି ବିଲ୍ଡିଂ ଥିଲା କେବଳ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ। ହେଲେ ଏବେ ଅନେକ ମହିଳା ଆସିଲେଣି ଏହି କ୍ଷେତ୍ରକୁ। ସମାଜର କଟାକ୍ଷ ସେମାନଙ୍କ ପଥରୋଧ କରିବାକୁ ବାର ବାର ଚେଷ୍ଟା କରୁଥିଲା ସତ। ତଥାପି ଦୃଢ଼ ମନୋବଳ, କଠିନ ପରିଶ୍ରମ କରି ସେମାନେ ବଡି ବିଲ୍ଡର ଭାବେ ନିଜର ପରିଚୟ ଗଢିବାରେ ସଫଳ ହେଇଛନ୍ତି। ଆଉ ପାଉଛନ୍ତି ଅଜସ୍ର ସମ୍ମାନ...**



ମଧୁସ୍ମିତା



ମଧୁସ୍ମିତା (ପୂର୍ବ ଫଟୋ)

ଲାଜର ଓଢ଼ଣା କାଢି ଏମାନେ ପୁରୁଷପ୍ରାଧାନ୍ୟ କ୍ଷେତ୍ରରେ ପାଦ ଦେଇଛନ୍ତି । ସେଥିପାଇଁ ସମାଜ ତାଙ୍କୁ କରିଛି ଅନେକ କଟାକ୍ଷ। ଏମିତିକି ପରିବାର ଲୋକେ, ବନ୍ଧୁବାନ୍ଧବ କେହି ଦେଇନାହାନ୍ତି ସାଥ୍। ତଥାପି ସେମାନଙ୍କ ପାଦ ଅଟକିନି । ନିଜ ଲକ୍ଷ୍ୟ ପଥରେ ଆଗେଇଛନ୍ତି । ନିଜ କୋମଳ ଶରୀରକୁ ଲୁହା ପରି ଶକ୍ତ କରି ଗଢ଼ିଛନ୍ତି। ଆଉ ପାଲଟିଛନ୍ତି ମହିଳା ବଡି ବିଲ୍ଡର। ସେମିତି କେତେଜଣ ମହିଳା ବଡି ବିଲ୍ଡରଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଏଥର ପ୍ରଚ୍ଛଦରେ...

**ଆଇଏଫ୍‌ବିବି ପ୍ରୋ ବିଜୟିନୀ ସରିନା ପାଣି:** ଢେଙ୍କାନାଳରେ ଆମ ଘର। କିନ୍ତୁ ମୋର ଜନ୍ମ ଭୁବନେଶ୍ୱରରେ। ଆଉ ଏଇଠି ହିଁ ମୁଁ ବଡ଼ ହେଇଛି। ବାପା ଓଡ଼ିଶା ଡ୍ରଗ୍‌ସ ଆଣ୍ଡ କେମିକାଲ୍ସରେ ସାଇଣ୍ଟିଫିକ ଅଫିସର ଥିଲେ। ମା' ଗୃହିଣୀ। ଛୋଟ ବେଳେ ମୁଁ ଟିକେ ଲାଜୁଆ ସ୍ୱାଭାବର ଥିଲି। ହେଲେ ନାଚ ପ୍ରତି ମୋର ବହୁତ ଦୁର୍ବଳତା ଥିଲା। ସ୍କୁଲ ସମୟରେ ଯୋଗ ବି କରୁଥିଲି। ଯୋଗରେ ମୁଁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବି ଭାଗ ନେଇଥିଲି। ଡ୍ରାମାର ବି ନିଶା ଥିଲା। ହେଲେ ଘରେ ପଢ଼ାକୁ ଗୁରୁତ୍ୱ ଦେଉଥିଲେ। ତେଣୁ ନାଚ, ଡ୍ରାମା ସବୁ ଛାଡି ପଢାରେ ମନ ଦେଲି । ଆଉ ଇଞ୍ଜିନିୟରିଂ କଲି। ପରେ ଇନ୍‌ଫୋସିସ୍‌ରେ ଚାକିରି କଲି। ପୁଣେକୁ ଚାଲି ଆସିଲି। କାମର ଚାପ ଏତେ ରହିଲା ଯେ, ଲାଇଫ ଷ୍ଟାଇଲ ଡିଜିଜ ହେବାକୁ ଲାଗିଲା। ଅନ୍ୟପକ୍ଷେ ମୋର ସ୍ୱାମୀ ବି ଆଇଟି ସେକ୍ଟରରେ କାମ କରୁଥିଲେ। ତାଙ୍କର ବି କାମ ଚାପରେ ଥରେ ବ୍ରେନ୍ ଷ୍ଟ୍ରୋକ ହୋଇ ଗୋଟେ ସାଇଡ ପାରାଲିସିସ୍ ଆଟାକ ହୋଇଥିଲା। ଯଦିଓ କମ୍ ଦିନରେ ସେ ସୁସ୍ଥ ହୋଇଗଲେ। ହେଲେ ମୁଁ ନିଷ୍ପତ୍ତି ନେଲି ଶରୀର ପ୍ରତି ଧ୍ୟାନ ଦେବାକୁ ହେବ। ପୂର୍ବରୁ ନାଚ ପ୍ରତି ଆଗ୍ରହ ଥିବାରୁ ପ୍ରଥମେ ଜୁମ୍ବା କ୍ଲାସ୍‌ରେ ଜଏନ ହେଲି। ପରେ ଜୁମ୍ବାର ଇନଷ୍ଟ୍ରକ୍ଟର ହେଲି। ତା'ସହ ଜିମ୍ ଯିବା ଆରମ୍ଭ କଲି। ଜୁମ୍ବା କ୍ଲାସ୍‌ରୁ ମୋର ଭଲ ଆୟ ହେଲା। ଭାବିଲି ରିସ୍କ ନେଇ ଚାକିରି ଛାଡି ଜୁମ୍ବା ଇନଷ୍ଟ୍ରକ୍ଟରଭାବେ ସମୟ ଦେବି। ଆଉ ସେଇୟା କଲି। ହେଲେ ସେହି ସମୟରେ କୋଭିଡ୍ ଆସିଗଲା। ଜିମ୍ ଯିବା ଓ ଜୁମ୍ବା ଟ୍ରେନିଂ ଦେବା ବନ୍ଦ ହେଇଗଲା। କ'ଣ କରିବି ଭାବି ଘରେ ଗୋଟେ ଛୋଟ ଜିମ୍ କରି ପ୍ରତିଦିନ ଘଣ୍ଟାଏ ୱାର୍କଆଉଟ୍ କଲି। ହେଲେ ଥରେ ଇନ୍‌କମ୍ କରିଥିବା ମହିଳା, ଅନ୍ୟପାଖରେ ହାତ ପତେଇବାକୁ ଭଲପାଏନା। ତେଣୁ କେମିତି ରୋଜଗାର କରିବି ଭାବି ଅନ୍‌ଲାଇନ୍ ଜୁମ୍ବା କ୍ଲାସ ଆରମ୍ଭ କଲି। ତା'ସହ ମୁଁ ନିଜ ବଡ଼ି ଫିଟନେସ୍ ଉପରେ ବି ଫୋକସ୍ କରୁଥାଏ। ଘରେ ବସି ନ୍ୟୁଟ୍ରିସନ, ପର୍ସନାଲ ଟ୍ରେନିଂ ସମ୍ପର୍କିତ ଅନେକ ବହି ପଢି ସେସବୁକୁ ନିଜ ଉପରେ ଟ୍ରାଏ କଲି। ୨୦୨୦ବେଳକୁ ମୋ ବଡ଼ି ଷ୍ଟ୍ରକ୍ଚର ବହୁତ ଭଲ ହୋଇଯାଇଥିଲା। ଜଣେ କୋଚ ମୋତେ ଦେଖି କହିଲେ ନିଜ ଚେଷ୍ଟାରେ ଯଦି ବଡ଼ିକୁ ଏତେ ଫିଟ୍ କରିପାରିଛ, ତେବେ ଗାଇଡ୍‌ଙ୍କ ତତ୍ତ୍ୱାବଧାନରେ ତମ ବଡ଼ି ଷ୍ଟ୍ରକ୍ଚର ଆହୁରି ଭଲ ହୋଇପାରିବ। ତେଣୁ ମୁଁ ତୁମକୁ ଗାଇଡ କରିବି। ଏହାପରେ ସେ ମତେ ଅନ୍‌ଲାଇନ୍ ଟ୍ରେନିଂ ଦେଲେ। ଆଉ ତାଙ୍କ ଗାଇଡାନ୍ସରେ ମୁଁ ବଡ଼ି ବିଲ୍ଡିଂ ଚାମ୍ପିୟନଶିପ୍ ପାଇଁ ଫିଟ୍ ହୋଇଗଲି। ସ୍ୱାମୀଙ୍କ ଅନୁମତି ଲୋଡିଲି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ। ସେ ବିନା ସଙ୍କୋଚରେ କହିଲେ, 'ମୁଁ ତ ଆଇଟି ଜବ୍‌ରେ ରହି ଆଉ କିଛି କରିପାରିଲିନି। ତେଣୁ ତୋର ଯାହା ଇଚ୍ଛା ହେଉଛି କର। କାରଣ ସମସ୍ତଙ୍କ ଭାଗ୍ୟରେ ନ ଥାଏ ନିଜ ଖୁସିର କାମ କରିବା। ଏମିତିକି ଅନେକେ ଜାଣି ବି ପାରନ୍ତି ନାହିଁ କେଉଁଥିରେ ସେମାନେ ବେଷ୍ଟ୍। ଯେହେତୁ ତୁମେ ପରିଶ୍ରମ କରୁଛ ଆଉ ତମର ଆତ୍ମବିଶ୍ୱାସ ଅଛି ଏ ଲାଇନ୍‌ରେ ତମେ ଭଲ କରିପାରିବ। ତେଣୁ ତମେ କର।' ୨୦୨୧ରେ ମୁଁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କଲି ଓ ସେଗୁଡିକ ଜିତିଲି ମଧ୍ୟ। ଏଇ ଯେମିତି ବିଚ୍ ବଡିରେ ଗୋଲ୍ଡ, ଫିଟ୍ ଫ୍ୟାକ୍ଟରରେ ଗୋଲ୍ଡ, ଶେରୁ କ୍ଲାସିକାଲ୍ ମଡେଲ ସର୍ଚ୍ଚରେ ବ୍ରୋଞ୍ଜ, ଆମେଚ୍ୟୁର ଅଲିମ୍ପିଆରେ ଗୋଲ୍ଡ ମେଡାଲ ପାଇଲି। ଏହା ପୂର୍ବରୁ ୨୦୧୯ରେ ମୁଁ ଶେଖ୍ ମିସେସ୍ ଇଣ୍ଡିଆରେ ଭାଗ ନେଇ ବି ଜିତିଥିଲି। ୨୦୨୧ ଶେଷ ବେଳକୁ ମୁଁ ମୋ ଜୀବନର ସବୁଠୁ ବଡ଼ ସଫଳତା ପାଇଲି। ସେ ହେଉଛି ଆଇଏଫବିବି ପ୍ରୋର ୱିନର୍ ହେଲି। ମାତ୍ର ଗୋଟେ ବର୍ଷରେ ମୁଁ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ବଡି ବିଲ୍ଡିଂର ପ୍ରଫେଶନାଲ ଆଥ୍‌ଲେଟ ହୋଇପାରିଲି। ମୋ ଶାଶୁଘର ଲୋକେ ମହାରାଷ୍ଟ୍ରର। ସେମାନେ ବହୁତ ଭଲ। ସେମାନେ ଜାଣିଥିଲେ ଯେ ମୁଁ ଜିମ୍ ଯାଏ କିଛି ପ୍ରତିଯୋଗିତାରେ ଭାଗ ନିଏ। ହେଲେ କେବେ ବି ଏତେ ମୁଣ୍ଡ ଖେଳାଇ ନାହାନ୍ତି ମୁଁ ପ୍ରକୃତରେ କେଉଁ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛି। ଆଉ ଯେବେ ଜାଣିଲେ ଯେ, ମୁଁ ଆଇଏଫ୍‌ବିବି ପ୍ରୋ ଟାଇଟଲ୍ ହାସଲ କରିଛି ସେମାନେ ବହୁତ ଖୁସି ହେଇଥିଲେ। ମୋ ଶାଶୁ ତ ମୋ ଲାଇଭ୍ ଷ୍ଟ୍ରିମିଂ ଦେଖି ମୋତେ କହନ୍ତି, 'ଇଣ୍ଟରନ୍ୟାଶନାଲ ଆଥ୍‌ଲେଟ୍‌ଙ୍କ ପରି ୱାକ୍ କରୁନୁ। ସିଧା ସିଧା ଚାଲୁଚୁ। ୱାକ୍‌ରେ ଇମ୍ପ୍ରୁଭ କର।' ହେଲେ ବାପଘରେ ଖୁସି ନ ଥିଲେ ଚାକିରି ଛାଡି ବଡି ବିଲ୍ଡିଂ କରିବା। ବନ୍ଧୁବାନ୍ଧବମାନେ ବି ଗ୍ରହଣ କରିପାରୁ ନ ଥିଲେ ମୋର ଷ୍ଟେଜ୍‌ରେ ବିକିନି ପିନ୍ଧି ଶରୀର ଦେଖାଇବାଟା। କାରଣ ଆମ ଓଡ଼ିଆ ଘରେ ମହିଳାମାନେ ବଡ଼ି ବିଲ୍ଡିଂ କରିବା, ଷ୍ଟେଜ୍ ଉପରେ ଶହ ଶହ ଲୋକଙ୍କ ଆଗରେ ବିକିନି ପିନ୍ଧି ଶରୀରକୁ ବିଭିନ୍ନ ଭଙ୍ଗୀରେ ଦେଖାଇବାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ପ୍ରାୟ ବର୍ଷେ ପର୍ଯ୍ୟନ୍ତ ମାନସିକ ଚାପରେ ଥିଲି। ହେଲେ ଜାଣିଥିଲି ମୁଁ କିଛି ଭୁଲ୍ କରୁନି। ମୋ ସ୍ୱାମୀ ସହଯୋଗ କରୁଛନ୍ତି। ଅନ୍ୟ କେହିବି ମତେ ଖରାପ ମନ୍ତବ୍ୟ ଦେଇ ନାହାନ୍ତି। ତେଣୁ ମୁଁ ଅଟକି ନ ଥିଲି। ଶେଷରେ ଯେବେ ମୁଁ ଆଇଏଫ୍‌ବିବି ପ୍ରୋର ଟାଇଟଲ୍ ଜିତିଲି, ସାରା ଓଡ଼ିଶାରେ ଖବର ପ୍ରଚାର ହେଲା। କାହିଁକି ନା ପୂର୍ବରୁ ଓଡ଼ିଶାର କୌଣସି ପୁଅ କି ଝିଅ ଏହି ଟାଇଟଲ୍ ଜିତି ନ ଥିଲେ। ଘରକୁ ସାମ୍ବାଦିକମାନେ ଯାଇଥିଲେ। ସେଇଠୁ ସେମାନେ ଜାଣିଲେ ଯେ ତାଙ୍କ ଝିଅ କିଛି ଲଜ୍ଜାଜନକ ନୁହେଁ ବରଂ କିଛି ବଡ଼ କାମ କରିଛି। ଏବେ ମୁଁ ଫିଟରରେ ପ୍ରିମିୟମ କୋଚ୍ ଅଛି। ମୋର ଅନ୍‌ଲାଇନ୍‌ରେ ୭୫୦ଜଣ କ୍ଲାଏଣ୍ଟ ଅଛନ୍ତି। ସେମାନଙ୍କୁ ମୁଁ ଅନଲାଇନ୍ ଟ୍ରେଣ୍ଡ୍ କରେ। ଏଥିରେ ମୋର ଚାକିରି ଅପେକ୍ଷା ଅଧିକ ଆୟ ହେଉଛି। ଯେକୌଣସି ସ୍ଥାନରେ ଥାଇ ମୁଁ ଲୋକଙ୍କୁ ଟ୍ରେନିଂ ଦେଇପାରୁଛି। ଆଉ ମୋ ଲାଗି କିଛି ଲୋକ ଫିଟ୍

→



ସରିନା



ସରିନା (ପୂର୍ବ ଫଟୋ)

ହୋଇପାରୁଥିବାରୁ ଖୁସି ଲାଗୁଛି। ମୋ ସ୍ୱାମୀ ୱାର୍କ ଆଉଟ୍ କରିପାରୁ ନାହାନ୍ତି, ହେଲେ ମୋ ଡାଏଟ୍ ପାଇଁ ତାଙ୍କ ଡାଏଟ ବି ଠିକ୍ ରହୁଛି। ତେଣୁ ସେ ସୁସ୍ଥ ରହୁଛନ୍ତି। ମୁଁ ହେଉଛି ବିକିନି ଆଥ୍ଲେଟ୍। ତେଣୁ ମୋତେ ମସଲ୍ ଗଢିବା ସହ ସୌନ୍ଦର୍ଯ୍ୟ ପ୍ରତି ବି ନଜର ରଖିବାକୁ ହୁଏ। ହିଲ୍ ପିନ୍ଧି, ଭଲ ମେକ୍ ଅପ୍ ନେଇ ସୁନ୍ଦର ହେୟାର ଷ୍ଟାଇଲ୍ କରିବାକୁ ହୁଏ। କାରଣ ପ୍ରେଜେଣ୍ଟେଶନ୍ ପାଇଁ ବି ପଏଣ୍ଟ ମିଳେ। ବଡି ବିଲ୍ଡିଂ କରି ମୋତେ ଆତ୍ମସନ୍ତୋଷ ମିଳୁଛି। ଓଡ଼ିଶାରେ ବଡି ବିଲ୍ଡିଂ ବଢୁଥିବା ଦେଖି ଖୁସି ଲାଗୁଛି। ଆଗାମୀ ଦିନରେ ଇଣ୍ଟରନ୍ୟାଶନାଲ ଆଥଲେଟ୍‌ଙ୍କ ସହ କମ୍ପିଟ୍ କରିବି। ଅଲିମ୍ପିଆ କ୍ୱାଲିଫାଏ କରିବାର ବି ଲକ୍ଷ୍ୟ ଅଛି। ହେଲେ ଏହା ଆଦୌ ସହଜ ନୁହେଁ। ପୃଥିବୀର ବଛା ବଛା ୪୦ଜଣ ଆଥଲେଟ୍ ହିଁ ଏଥିରେ ଭାଗ ନେଇପାରିବେ। ସେଥିପାଇଁ ମୋ ବଡ଼ି ଅନ୍ତର୍ଜାତୀୟ ଆଥଲେଟ୍‌ଙ୍କ ପରି ହେବା ଜରୁରୀ। ତେଣୁ ସେ ନେଇ ଚେଷ୍ଟା ଜାରି ରଖିଛି।

**ପୁରୀର ବଡି ବିଲ୍ଡର ବୋହୂ ମଧୁସ୍ମିତା ରଥ:** ଶ୍ରୀକ୍ଷେତ୍ର ପୁରୀଧାମର ମୁଁ ଝିଅ। ଘର ଶ୍ରୀମନ୍ଦିର ପଛପଟ ବାସେଳୀ ସାହିରେ। ପରେ ମୋର ବାହାଘର ହେଲା ପୁରୀ ସୁଆରସାହିର ଶିବ ନାରାୟଣ ପ୍ରହରାଜଙ୍କ ସହ। ଆଉ ବ୍ରାହ୍ମଣ ଘରର ବୋହୂ ହେଲି। ପୁରୀ ବ୍ରାହ୍ମଣ ଘରର ବୋହୂ ପାଇଁ କେତେ ରୀତିନୀତି କଟକଣା ଥିବା ଅନୁମାନ କରିପାରୁଥିବେ। ତେବେ ସ୍ୱାମୀ ଆଇଟି ସେକ୍ଟରରେ ଚାକିରି କରୁଥିବାରୁ ତାଙ୍କ ସହ ହାଇଦ୍ରାବାଦରେ ଯାଇ ରହିଲି। ପରେ ମୋର ଝିଅ ହେଲା। ମା' ହେବା ପରେ ମୁଁ ବହୁତ ମୋଟୀ ହୋଇଗଲି। ସେଥିପାଇଁ ଜିମ୍ ଯିବା ଆରମ୍ଭ କଲି। ଏମିତି ଜିମ୍ ଯାଉ ଯାଉ ଏଇ ଲାଇନ୍‌ରେ କ୍ୟାରିୟର କରିବାକୁ ଇଚ୍ଛା ହେଲା। ତେଣୁ ଫିଟ୍‌ନେସ୍‌କୁ ନେଇ କୋର୍ସ କଲି। ପରେ ଫିଟନେସ୍ ଟ୍ରେନର୍ ଭାବେ ଜବ୍ ମଧ୍ୟ କଲି। ଧୀରେ ଧୀରେ ଫିଗର୍ ଠିକ୍ ହେବା ସହ ମନରେ ଆତ୍ମବିଶ୍ୱାସ ବଢିଲା। ଇଚ୍ଛା ହେଲା ବଡି ବିଲ୍ଡିଂ କରିବାକୁ। ସେଥିପାଇଁ ସ୍ୱାମୀଙ୍କ ସହ କଥା ହେଲି। ଯେହେତୁ ସେ ପୂର୍ବରୁ ବଡି ବିଲ୍ଡିଂ ଲାଇନ୍‌ରେ ଥିଲେ। ତେଣୁ ମୋତେ ମନା କରି ନ ଥିଲେ। ଶାଶୁଘର ଲୋକେ ଟିକେ ରାଜି ନ ଥିଲେ। ହେଲେ ମନା ବି କରି ନ ଥିଲେ। ବାପଘରେ ଭାଇମାନଙ୍କର କିନ୍ତୁ ଇଚ୍ଛା ନ ଥିଲା ମୁଁ ଏ ଲାଇନ୍‌ରେ ଯାଏ। ପୁରୀର ସମସ୍ତେ ମୋତେ ଏଭଳି କଷ୍ଟ୍ୟୁମରେ ଦେଖିବେ ବୋଲି ଭାବି ତାଙ୍କୁ ଖରାପ ଲାଗୁଥିଲା। ହେଲେ ମୁଁ ସେସବୁ ପ୍ରତି ନଜର ଦେଇ ନ ଥିଲି। ମୁଁ ଜାଣିଥିଲି ବଡି ବିଲ୍ଡିଂ ଖରାପ ନୁହେଁ। କଠିନ ପରିଶ୍ରମର ଫଳ ହେଉଛି ବଡି ବିଲ୍ଡିଂ। ଯାହାକି ସମସ୍ତଙ୍କ ଦ୍ୱାରା ସମ୍ଭବ ନୁହେଁ। ତା'ଛଡ଼ା ଯେମିତି ସୁଇମିଂ, ଜିମ୍ନାଷ୍ଟିକ ପାଇଁ ସ୍ୱତନ୍ତ୍ର କଷ୍ଟ୍ୟୁମ ଅଛି, ସେମିତି ବଡି ବିଲ୍ଡିଂର କଷ୍ଟ୍ୟୁମ ହେଉଛି ବିକିନି। ତେଣୁ ଏହାକୁ ଖରାପ ନଜରରେ ଦେଖିବାଟା ଠିକ୍ ନୁହେଁ। ଏମିତି ମନରେ ରଖି ମୁଁ ମୋ ନିଜକୁ ଗଢୁଥାଏ। ଆଉ ସେହି ସମୟରେ କୋଭିଡ୍ ଆସିଲା। ୨୦୨୦ରେ ଆମେ ପୁରୀ ପଳେଇ ଆସିଲୁ। ସ୍ୱାମୀ ଘରୁ କାମ କଲେ। ଝିଅର ପୁରୀର ଏକ ସ୍କୁଲରେ ଆଡମିଶନ ହେଲା। ତେଣୁ ଆଉ ହାଇଦ୍ରାବାଦ ଗଲୁନି। ୨୦୨୧ ଶେଷ ବେଳକୁ ସ୍ୱାମୀ ଓ ମୁଁ ମିଶି ପୁରୀରେ ମଧୁ ଫିଟନେସ ହବ୍ ନାମରେ ଜିମ୍ ଖୋଲିଲୁ। ଖୋଲିବାର କିଛିଦିନ ପରେ ପୁଣି ଲକ୍‌ଡାଉନ୍ ହେବାରୁ ଜିମ୍ ବନ୍ଦ ହେଲା। ଯେବେ ଖୋଲିଲା ୪-୫ ଜଣ ଝିଅରୁ ଜିମ୍ ଆରମ୍ଭ ହେଲା। ପ୍ରଥମେ ତ ପୁରୀର ସେବକ ପରିବାରର ମହିଳାମାନେ ଶାଢ଼ିପିନ୍ଧି ଜିମ୍ ଆସୁଥିଲେ। ହେଲେ ଧୀରେ ଧୀରେ ମୋ ସହ ମିଶି ସେମାନେ ବଦଳିଲେ। ଆଉ ବୟସ୍କା ମହିଳାମାନେ ବି ଡ୍ରେସ୍ ପିନ୍ଧି ଜିମ୍ ଆସିଲେ। ମୁଁ ସେମାନଙ୍କୁ ଟ୍ରେନିଂ ଦେବାସହ ଚଣ୍ଡିଗଡ଼ର ଜଣେ ଟ୍ରେନର୍‌ଙ୍କୁ ହାୟର କରି ନିଜେ ବଡି ବିଲ୍ଡିଂ ପାଇଁ ଟ୍ରେନିଂ ନେଲି। ତାଙ୍କ ତତ୍ତ୍ୱାବଧାନରେ ପ୍ରଥମେ ୨୦୨୩ରେ ମୁଁ ରାଜସ୍ଥାନରେ ୱାର୍ଲ୍ଡ ଫିଟନେସ୍ ଫେଡେରେଶନ ଦ୍ୱାରା ଆୟୋଜିତ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଭାଗ ନେଇ ବ୍ରୋଞ୍ଜ ମେଡାଲ ପାଇଲି। ତା'ପରେ ପୁରୀରେ ହୋଇଥିବା ମିସ୍ ଓଡ଼ିଶାରେ ଦ୍ୱିତୀୟ ହେଲି। ନିଜ ମାଟିରେ ସମସ୍ତଙ୍କ ସାମ୍ନାରେ ଭାଗ ନେବାର ଅନୁଭୂତି ଥିଲା କିଛି ଭିନ୍ନ। ଏବେ ପୁରୀ ଲୋକଙ୍କର ମାନସିକତା ବହୁତ ବଦଳିଗଲାଣି। ମୋତେ କେହି ବି ଖରାପ ନଜରରେ ଦେଖି ନ ଥିଲେ, ବରଂ ଜଣେ ଆଥଲେଟ୍ ହିସାବରେ ବହୁତ ସମ୍ମାନ ଦେଇଥିଲେ। ଏହାପରେ ଆସାମ ଯାଇଥିଲି ଆଇଫା କ୍ଲାସିକରେ ଭାଗ ନେବା ପାଇଁ। ସେଥିରେ ତିନୋଟି କାଟେଗୋରିରେ ଭାଗ ନେଇ ସବୁଥିରେ ମେଡାଲ ପାଇଲି। ଚଳିତବର୍ଷ ଜୟପୁର ଯାଇଥିଲି ମିସ୍ ଇଣ୍ଡିଆରେ ଭାଗ ନେବାପାଇଁ। ସେଥିରେ ଚାରିଟି ବିଭାଗରେ ଭାଗ ନେଇ ସବୁଥିରେ ସିଲଭର୍ ମେଡାଲ ପାଇଲି। ବଡି ବିଲ୍ଡରଙ୍କ ପାଇଁ ଆୟୋଜିତ ଏହିସବୁ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ମସଲ୍ସ, ଲେଗ୍ସ, ବାଇଶେପ, ଟ୍ରାଇ ଶେପ, ଟୋନର୍, କୋର୍, ବଡିର କନଷ୍ଟ୍ରକ୍ସନ ଉପରେ ପ୍ରାଥମିକତା ଦିଆଯାଇଥାଏ। ତା'ସହ ସୌନ୍ଦର୍ଯ୍ୟ ଓ ପ୍ରେଜେଣ୍ଟେଶନ୍ ଷ୍ଟାଇଲର ବି ଗୁରୁତ୍ୱ ରହିଛି। ତେଣୁ ସେସବୁ ପ୍ରତି ମୋତେ ନଜର ଦେବାକୁ ହୁଏ। ଏଇ ନିକଟରେ ଗୁଜରାଟରେ ହୋଇଥିବା ଗ୍ରେଲାଇନ୍ କ୍ଲାସିକ ଅଲ୍ ଇଣ୍ଡିଆ ଚାମ୍ପିୟନଶିପ୍‌ରେ ବି ଭାଗ ନେଇ ଚାରୋଟି କାଟେଗୋରିରେ ୪ଟି ମେଡାଲ ପାଇ ଚାରୋଟି ବିଭାଗରେ ସିଲଭର୍ ମେଡାଲ ପାଇଥିବା ପ୍ରଥମ ମହିଳା ଆଥଲେଟ୍ ହୋଇଛି। ଏବେ ଆଉ ମୋତେ କେହି ବି ଖରାପ କଥା କହୁ ନାହାନ୍ତି। ବରଂ ପୁରୀରେ ମୋର ସମ୍ମାନ ବହୁତ ବଢିଯାଇଛି। ତେବେ ଗୋଟେ କଥା କହି ରଖେ ବଡି ବିଲ୍ଡିଂରେ ଖର୍ଚ୍ଚ ବହୁତ। ଡାଏଟ୍ ସହ ପ୍ରତି କମ୍ପିଟିଶନର ରେଜିଷ୍ଟ୍ରେଶନ ଫି, ରହିବା, ଖାଇବା, କଷ୍ଟ୍ୟୁମ, ମେକ୍‌ଅପ୍ ସବୁର ଖର୍ଚ୍ଚ ନିଜକୁ ବହନ କରିବାକୁ ହୁଏ। ସରକାରୀ ସହାୟତା କିଛି ମିଳେନା। ନିଜେ ରୋଜଗାର କରୁଛି ବୋଲି ନିଜ ଖର୍ଚ୍ଚ ନିଜେ ବହନ କରିପାରୁଛି। ନଚେତ ଏ ଲାଇନ୍‌ରେ ତିଷ୍ଠିବା କଷ୍ଟ। ଏବେ ମୁଁ ଜିମ୍‌ରେ ୯୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଟ୍ରେନିଂ ଦେବା ସହ ପୁରୁଷ ବଡି ବିଲ୍ଡରଙ୍କୁ ତାଲିମ ଦେଉଛି। ତା'ସହ ଅନଲାଇନ୍ ଟ୍ରେନିଂ ବି ଚାଲିଛି। ଏହା ବାଦ୍ ଆମେ କିଛି ଜିମ୍ ମାଲିକ ମିଶି 'ଶ୍ରୀକ୍ଷେତ୍ର ବଡି ବିଲ୍ଡିଂ ଆସୋସିଏସନ୍' ନାମକ ଫେଡେରେଶନ୍ ଗଢିଛୁ, ଯାହାକି କେବିବିଏ ଓ ଆଇବିବିଏଫ୍‌ଏଫ୍ ଅନ୍ତର୍ଗତ। ଏଥିରେ ମୁଁ ପ୍ରେସିଡେଣ୍ଟ ଅଛି। ଆମର ଏହି ଫେଡେରେଶନ୍ ତରଫରୁ ଏବେ ବଡି ବିଲ୍ଡିଂ ପ୍ରତିଯୋଗିତା ଆୟୋଜନ ମଧ୍ୟ କରୁଛୁ। ଯେମିତିକି ଅଧିକରୁ ଅଧିକ ଏଥିପ୍ରତି ଆକର୍ଷିତ ହେବେ। ତା'ସହ ଏବେ ମୁଁ କିଛିଟା ବିରତି ନେଇ ଅନ୍ତର୍ଜାତୀୟ କମ୍ପିଟିଶନ ଯେମିତିକି ମିସ୍ ୟୁନିଭର୍ସ, ଆଇଏଫ୍‌ବିବି ପ୍ରୋ ପାଇଁ ପ୍ରସ୍ତୁତ ହେଉଛି।


କେ.ସୋନୀ

**ନିପଟ ମଫସଲର ଝିଅ କେ. ସୋନୀ ଏବେ ବଡ଼ି ବିଲ୍ଡର:** ମୁଁ ଏକ ନିପଟ ମଫସଲ ଅଞ୍ଚଳର ଝିଅ। ଛତ୍ରପୁର, ହଂସପୁରସ୍ଥ ମୁନୀସପେଣ୍ଠ ହେଉଛି ମୋ ଗାଁର ନାଁ। ଆମ ଗାଁଠୁ ୧୩କି.ମି. ପର୍ଯ୍ୟନ୍ତ କିଛି ମିଳେନା। ୨-୩ ଘଣ୍ଟା ଅନ୍ତରରେ ଗୋଟେ ଗାଡି ଯାଏ। ରାସ୍ତାରେ ଲାଇଟ୍ ନାହିଁ। ଏ ତ ଗଲା ସହର ଓ ଆଧୁନିକତାଠୁ ବହୁ ଦୂରରେ ଥିବା ମୋ ଗାଁ କଥା। ଏବେ କହୁଛି ମୋ ପରିବାର କଥା। ମୋ ବାପା ଥିଲେ ଜଣେ ଫେରିବାଲା। ଗାଁ ଗାଁ ବୁଲି ଲୁଗା ବିକ୍ରି କରୁଥିଲେ। ଆଉ ମା' ଗୃହିଣୀ। ଆର୍ଥିକ ଅବସ୍ଥା ଏତେ ଭଲ ନ ଥିଲା। ତଥାପି ମୁଁ ପାଠପଢା ବନ୍ଦ କରି ନ ଥିଲି। ପରେ ଏମ୍‌ବିଏ କରିବା ପାଇଁ ଘରେ କହିଲି। ହେଲେ କେହି ରାଜି ହୋଇ ନ ଥିଲେ। ପଢାଛାଡି ବାହା ହେବା ପାଇଁ କହିଲେ। ହେଲେ ମୋର ଏକା ଜିଦ୍ ଥିଲା ଏମ୍‌ବିଏ କରିବି। ତେଣୁ ମୁଁ ଲୋନ୍ ନେଇ ଏମ୍‌ବିଏ କରିବା ଲାଗି ଚାଲିଆସିଲି ପୁଣେ। ପଢା ସରିବା ପରେ କନଷ୍ଟ୍ରକ୍ସନ କମ୍ପାନୀରେ ଚାକିରି କଲି। ଦରମା ଟଙ୍କା ସଞ୍ଚୟ କରି ବାପାଙ୍କ ପାଇଁ ଲୁଗା ଦୋକାନଟିଏ କଲି। ତା'ସହ ତିନି ମହଲା ଘର ବି କଲି। ଏମିତି ବ୍ୟସ୍ତତାଭରା ଜୀବନରେ ଥରେ ଭାବିଲି ନିଜ ଫିଟନେସ ପ୍ରତି ବି କିଛି ଧ୍ୟାନ ଦେବି। ତେଣୁ ଜୁମ୍ବା କ୍ଲାସ ଜଏନ ହେଲି। ଏଇ ସମୟରେ ଦେଖିଲି ଓଡ଼ିଶା ଝିଅ ସରିନା ପାଣି ବଡି ବିଲ୍ଡିଂରେ କେତେ ଉଚ୍ଚକୁ ଯାଇ ଲୋକପ୍ରିୟ ହୋଇଛନ୍ତି। ସେବେଠୁ ସେ ମୋ ଆଦର୍ଶ ପାଲଟିଗଲେ। ତା'ଛଡା ଅନ୍‌ଲାଇନ୍‌ରେ ବି ଦେଖିଲି ଅନେକ ଝିଅ ବଡି ବିଲ୍ଡର ସାଜି ବହୁତ ନାଁ କମଉଛନ୍ତି। ସେଥିପାଇଁ ମୋର ବି ଇଚ୍ଛା ହେଲା ଏ କ୍ଷେତ୍ରରେ ଆଗେଇବାକୁ। ସେଥିପାଇଁ ଜଣେ କୋଚ୍‌ଙ୍କୁ ହାୟର କଲି। ତାଙ୍କ ତତ୍ତ୍ୱାବଧାନରେ ମୋ ଶରୀରକୁ ମୁଁ ବଡ଼ି ବିଲ୍ଡିଂ ପ୍ରତିଯୋଗିତା ପାଇଁ ଗଢିଲି। ଚାକିରି ସହ ବଡ଼ି ବିଲ୍ଡିଂ ପାଇଁ ତାଲିମ ଚାଲିଲା। ସକାଳ ୫ଟାରୁ ଉଠି ନିଜ ଡାଏଟ ତିଆରି କରି ଖାଇ, ଦୁଇ ଘଣ୍ଟା କାର୍ଡିଓ କରି ଅଫିସ ଯାଏ। ୧୦ଟାରୁ ୬ଟା ପର୍ଯ୍ୟନ୍ତ କାମ କରି ଫେରିବା ପରେ ଜିମ୍ ଯାଇ ୱାର୍କଆଉଟ୍, କାର୍ଡିଓ କରି ରାତି ୧୧ଟାରେ ପହଞ୍ଚେ ରୁମ୍‌ରେ। ରାତି ୧୨ଟାରେ ଶୋଇ ପୁଣି ସକାଳ ୫ଟାରେ ଉଠେ। ଏମିତି ନିତିଦିନ ପରିଶ୍ରମ କରିବା ପରେ ୨୦୨୨ରେ ମୁଁ ପ୍ରଥମ ଥର ପାଇଁ ହାଇଦ୍ରାବାଦରେ ଆଇଏଫ୍‌ବିବି ପ୍ରତିଯୋଗିତାରେ ଗୋଲ୍ଡ ପାଇଲି। ପ୍ରଥମ ପ୍ରୟାସରେ ଗୋଲ୍ଡ ପାଇଥିବାରୁ ମନରେ ଉତ୍ସାହ ବଢିଲା। ଅଧିକରୁ ଅଧିକ ପ୍ରତିଯୋଗିତାରେ ଭାଗ ନେଲି। ୟା' ଭିତରେ ୧୨ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୦ଟିରେ ଗୋଲ୍ଡ ପାଇସାରିଲିଣି। ପ୍ରାଇଭେଟ, ନ୍ୟାଶନାଲ, ଷ୍ଟେଟ୍ ସବୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛି। ତେବେ ମୁଁ ବେଶି ପ୍ରାଇଭେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛି। ଯେମିତିକି ଅମନ କ୍ଲାସିକ, ସଂଗ୍ରାମ କ୍ଲାସିକ, ଡକ୍ଟର ଫ୍ଲେକ୍ସ ଆଦି। କାରଣ ଏଥିରେ ଅଧିକ କ୍ୟାଶ୍ ପ୍ରାଇଜ୍ ମିଳେ। ସରକାରୀ ପ୍ରତିଯୋଗିତାରେ ସାର୍ଟିଫିକେଟ୍, ଟ୍ରଫି ଆଦି ମିଳେ। ହେଲେ କ୍ୟାଶ୍ ପ୍ରାଇଜ୍ ନ ଥାଏ। ମୋ ପାଖରେ ମୋ ବାପା ମା' ଅଛନ୍ତି। ମୋ ବଡ଼ ଦୁଇ ଭାଇ ଦୁର୍ଭାଗ୍ୟବଶତଃ ମୃତ୍ୟୁବରଣ କରିଛନ୍ତି। ପରିବାରର ଦାୟିତ୍ୱ ମୋ ଉପରେ। ସେଥିପାଇଁ ବାପାମା'ଙ୍କ ପାଇଁ ବାହା ନ ହେବାକୁ ବି ନିଷ୍ପତ୍ତି ନେଇଛି। ଆଉ ଟଙ୍କା ପାଇଁ ଅଧିକରୁ ଅଧିକ ପ୍ରାଇଭେଟ୍ କଣ୍ଟେଷ୍ଟରେ ଭାଗ ନେଉଛି। କାରଣ ଯଦି ଥରେ ମୁଁ ଆଇଏଫ୍‌ବିବି ପ୍ରୋ ପରି ଅନ୍ତର୍ଜାତୀୟ କମ୍ପିଟିଶନ୍‌ରେ ଭାଗ ନେଇ ଜିତିଯାଏ ତେବେ ଏଇ ସବୁ ପ୍ରତିଯୋଗିତାରେ ଆଉ ଅଂଶଗ୍ରହଣ କରିପାରିବି ନାହିଁ। କେବଳ ଅନ୍ତର୍ଜାତୀୟ ସ୍ତରରେ ଖେଳିବି। ତେଣୁ ପ୍ରଥମେ ମୁଁ ସବୁ ପ୍ରାଇଭେଟ ପ୍ରତିଯୋଗିତାରେ ଜିତି କ୍ୟାଶ୍ ପ୍ରାଇଜ୍ ପାଇବାକୁ ଲକ୍ଷ୍ୟ ରଖିଛି। ତା'ପରେ ଯାଇ ଆଇଏଫ୍‌ବିବି ପ୍ରୋ ଓ ଅଲିମ୍ପିଆ ପାଇଁ ପ୍ରୟାସ କରିବି। ତେବେ ପ୍ରଥମେ ଯେବେ ମୁଁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲି ସେତେବେଳେ ମତେ କେହି ବି ସପୋର୍ଟ କରି ନ ଥିଲେ। ବନ୍ଧୁବାନ୍ଧବ ସମସ୍ତେ ଅନେକ କଥା କହିଥିଲେ। ମା'ବାପା ବି ସେତେଟା ଖୁସି ନ ଥିଲେ। ହେଲେ ମୁଁ ସେସବୁ ପ୍ରତି ଧ୍ୟାନ ଦେଇ ନ ଥିଲି। ମୁଁ ମୋ ଲକ୍ଷ୍ୟ ପ୍ରତି ଫୋକସ୍ ରହିଲି। ପ୍ରତିଯୋଗିତାରେ ଭାଗ ନେଲି। ଆଉ ସୌଭାଗ୍ୟକୁ ପ୍ରଥମ ଥରରେ ଜିତିଲି। ମୋର ନୂଆ ଗୋଟେ ପରିଚୟ ତିଆରି ହେଲା। ଏହାପରେ ବି ମୁଁ ଅନେକ ପ୍ରତିଯୋଗିତା ଜିତିଲି। ଫଳରେ ସମସ୍ତଙ୍କ ମୁହଁ ବନ୍ଦ ହୋଇଗଲା। ତେଣୁ ମୋ ମତରେ ସବୁବେଳେ ନିଜ ମନ କଥା ଶୁଣିବା ଦରକାର। ଯଦି ତମେ ନିଜେ ଭାବୁଛ ଠିକ୍ କରୁଛ। ତେବେ ତାକୁ ନେଇ ଆଗେଇବା ଉଚିତ। ଲୋକେ ଅନେକ କଥା କହିବେ। ହେଲେ ସଫଳତା ପାଇଲା ପରେ ସେଇ ଲୋକ ହିଁ ପ୍ରଶଂସା କରିବେ। ତେଣୁ ଅଧିକରୁ ଅଧିକ ଝିଅ ସମାଜର ଭୟ ଛାଡି ଏଇ ଲାଇନ୍‌କୁ ଆସିବା ଉଚିତ। ଏବେ ମୁଁ ଅନ୍ ଲାଇନ୍ ସହ ଅଫ୍ ଲାଇନ୍ ଟ୍ରେନିଂ ଦେଉଛି। ମୋର ସବୁ ଖର୍ଚ୍ଚ ବାଦ୍ ଭଲ ଆୟ ବି ହେଉଛି।

ସତରେ ଏଇ ମହିଳାମାନଙ୍କ ଶରୀର କେବଳ ଶକ୍ତ ନୁହେଁ, ବରଂ ମନୋବଳ ବି ବେଶ୍ ଦୃଢ଼। ସେଇଥିପାଇଁ ତ ନାରୀ ପାଇଁ ସମାଜର ଥିବା ରୀତନୀତି, କଟକଣାର ଲକ୍ଷ୍ମଣ ରେଖାକୁ ଟପି ଏମାନେ ନିଜର ସ୍ୱତନ୍ତ୍ର ପରିଚୟ ଗଢିପାରିଛନ୍ତି। ଆଉ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

-ଶିବାନୀ ମହାନ୍ତି


କେ.ସୋନୀ (ପୂର୍ବ ଫଟୋ)

## ବିଶ୍ୱର ପ୍ରଥମ ମହିଳା ଯିବେ

# ଜହ୍ନରାଇଜକୁ...


କ୍ରିଷ୍ଟିନା ହାମୋକ୍ କୋଚ୍

**ପୃଥିବୀରୁ ନୁହେଁ, ଜହ୍ନକୁ ପାଖରୁ ଦେଖିବେ ସେ । ଆସନ୍ତା ନଭେମ୍ବରରେ ତିନିଜଣ ମହାକାଶଚାରୀଙ୍କ ସହିତ ବିଶ୍ୱର ପ୍ରଥମ ମହିଳା ଭାବରେ ଚନ୍ଦ୍ରାଭିଯାନରେ ସହଯାତ୍ରୀ ହେବେ କ୍ରିଷ୍ଟିନା ହାମୋକ୍ କୋଚ୍ ...**

ପୃଥିବୀରୁ ନୁହେଁ, ଏକାବେଳକେ ଜହ୍ନକୁ ପାଖରୁ ଦେଖିବେ ସେ । ଆସନ୍ତା ନଭେମ୍ବରରେ ତିନିଜଣ ମହାକାଶଚାରୀଙ୍କ ସହିତ ବିଶ୍ୱର ପ୍ରଥମ ମହିଳା ଭାବରେ ଚନ୍ଦ୍ରାଭିଯାନରେ ସହଯାତ୍ରୀ ହେବେ ସେ । ସେ ହେଉଛନ୍ତି **କ୍ରିଷ୍ଟିନା ହାମୋକ୍ କୋଚ୍** ।

ଏଯାବତ ଚନ୍ଦ୍ରର କକ୍ଷପଥରେ ଅଥବା ଚନ୍ଦ୍ରପୃଷ୍ଠରେ କେବଳମାତ୍ର ପୁରୁଷ ମହାକାଶଚାରୀମାନେ ହିଁ ସେମାନଙ୍କର ଆଧିପତ୍ୟ ବିସ୍ତାର କରିଥିଲେ । ବର୍ତ୍ତମାନ ସେହି ଆଧିପତ୍ୟରେ ଭାଗ ବସାଇବା ପାଇଁ ଆସି ଯାଇଛନ୍ତି କ୍ରିଷ୍ଟିନା ହାମୋକ୍ କୋଚ । ୨୦୨୪ ନଭେମ୍ବରରେ ତିନିଜଣ ପୁରୁଷ ମହାକାଶଚାରୀଙ୍କ ସହିତ ଚନ୍ଦ୍ର ଅଭିଯାନରେ ସାମିଲ ହେବେ ସେ ।

ଏହି ପ୍ରସ୍ତାବିତ ଚନ୍ଦ୍ର ଅଭିଯାନରେ ଅନ୍ୟତମ ବିଶେଷଜ୍ଞ ଭାବରେ ନିଯୁକ୍ତ ହୋଇଛନ୍ତି କ୍ରିଷ୍ଟିନା ।

୧୯୭୯ ଜାନୁଆରୀ ୨୯ ତାରିଖ ଦିନ ମିଶିଗାନର ଗ୍ରାଣ୍ଡ ରାପିଡ୍ସରେ ଜନ୍ମଗ୍ରହଣ କରିଥିଲେ କ୍ରିଷ୍ଟିନା । ନର୍ଥ କ୍ୟାରୋଲାଇନ ଜ୍ୟାକ୍ସନ୍ ଭ୍ୟାଲିରେ ସେ ବଢ଼ିଥିଲେ । ପିଲାଟି ଦିନରୁ ତାଙ୍କର ସ୍ୱପ୍ନ ଥିଲା ସେ ଜଣେ ମହାକାଶଚାରୀ ହେବେ । ୧୯୯୭ରେ ନର୍ଥ କାରୋଲିନା ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ମ୍ୟାଥମେଟିକ୍ସରୁ ସେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଏହାପରେ ନର୍ଥ କାରୋଲିନା ଷ୍ଟେଟ୍ ୟୁନିଭରସିଟିରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଓ ପଦାର୍ଥବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରି ପରବର୍ତ୍ତୀ କାଳରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ୨୦୦୧ ମସିହାରେ ନାସା ଏକାଡେମୀ ପ୍ରୋଗ୍ରାମରେ ଯୋଗ ଦେଇଥିଲେ ।

ନାସାରେ ଯୋଗଦେବା ପୂର୍ବରୁ କ୍ରିଷ୍ଟିନା ମହାକାଶ ପ୍ରଯୁକ୍ତି ଏବଂ ସରଞ୍ଜାମ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଥିଲେ । ଆମେରିକାର ଯେଉଁ ଆଣ୍ଟାର୍କଟିକା ଅଭିଯାନ ହୋଇଥିଲା ସେହି ଅଭିଯାନରେ ମଧ୍ୟ ସେ ଅଂଶଗ୍ରହଣ କରିଥିଲେ । ଗୋଟିଏ ବର୍ଷ ସେ ଆଣ୍ଟାର୍କଟିକାରେ ଅବସ୍ଥିତ ପାମାର ଗବେଷଣା କେନ୍ଦ୍ରରେ କଟାଇଥିଲେ । ଏହାପରେ ସେ ଜନ୍ସ ହକିଂନ୍ସ ୟୁନିଭରସିଟିର ଆପ୍ଲାଏଡ୍ ଫିଜିକ୍ସ ଲାବୋରେଟୋରିରେ ମହାକାଶ ବିଭାଗରେ ମଧ୍ୟ କାର୍ଯ୍ୟ କରିଥିଲେ । ତା'ପରେ ପୁଣିଥରେ ସେ ଆଣ୍ଟାର୍କଟିକାକୁ ଫେରି ଯାଇଥିଲେ ଏବଂ ୨୦୦୧ ମସିହାରେ ନାସା ଏକାଡେମୀର ପ୍ରୋଗ୍ରାମରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବରେ କାର୍ଯ୍ୟ କରିଥିଲେ ।

୨୦୧୩ ମସିହାରେ ଆରମ୍ଭ ହୁଏ ନାସାର ୨୧ତମ ମହାକାଶ ଅଭିଯାନ କ୍ଲାସ୍ । ସେହି କ୍ଲାସ୍‌ର ଆଠଜଣ ସଦସ୍ୟଙ୍କ ଭିତରେ ଅନ୍ୟତମ ଥିଲେ କ୍ରିଷ୍ଟିନା । ୨୦୧୫ ମସିହାରେ ସେମାନଙ୍କର ପ୍ରଶିକ୍ଷଣ ଶେଷ ହୁଏ । ଏହାପରେ ୨୦୧୯ ମସିହାରେ ପ୍ରଥମଥର ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନକୁ ଯିବା ପାଇଁ ସୁଯୋଗ ପାଆନ୍ତି କ୍ରିଷ୍ଟିନା । ତାଙ୍କୁ ପ୍ରଥମ ସୟୁଜ ଏମ୍‌ଏସ୍‌-୧୨ ମହାକାଶ ଯାନରେ ବାଇକୋନୁର କସମୋଡ୍ରୋନରୁ ମହାକାଶକୁ ପଠାଯାଇଥିଲା । ନାସାର ପ୍ରକାଶିତ ବୁଲେଟିନ ଅନୁସାରେ ୫୯, ୬୦ ଏବଂ ୬୧ ଅଭିଯାନ ପାଇଁ ଆଇଏଫ୍‌ଏସ୍‌ରେ ଫ୍ଲାଇଟ୍ ଇଞ୍ଜିନିୟର ଭାବରେ କାର୍ଯ୍ୟ କରିବା ସହିତ ଜୀବ ବିଜ୍ଞାନ, ପୃଥିବୀ ବିଜ୍ଞାନ, ମାନବ ଗବେଷଣା, ଭୌତିକ ବିଜ୍ଞାନ ଓ ପ୍ରଯୁକ୍ତିର ଉନ୍ନୟନରେ ଅନେକ ପରୀକ୍ଷାର ଅବଦାନ ରଖିଛନ୍ତି କ୍ରିଷ୍ଟିନା ଏବଂ ତାଙ୍କର ସହଯୋଗୀମାନେ ।

୨୦୧୯ ମାର୍ଚ୍ଚ ୧୪ ତାରିଖ ଦିନ ୫୯, ୬୦ ଓ ୬୧ର ଜଣେ ଫ୍ଲାଇଟ ଇଞ୍ଜିନିୟର ଭାବରେ ଆନ୍ତର୍ଜାତିକ ମହାକାଶ ଷ୍ଟେଶନକୁ ଯାତ୍ରା କରନ୍ତି କ୍ରିଷ୍ଟିନା । ମହାକାଶ ଷ୍ଟେଶନ ବାହାରେ ଥିବା ଗୋଟିଏ ଡାଉନ୍ ପାୱାର କଣ୍ଟ୍ରୋଲ ୟୁନିଟ ସ୍ଥାପନ କରିବା ପାଇଁ ୨୦୧୯ ଅକ୍ଟୋବର ୧୮ ତାରିଖ ଦିନ ସ୍ପେସ ୱାକ୍‌ରେ ଅଂଶଗ୍ରହଣ କରନ୍ତି । ୨୦୧୯ ଏପ୍ରିଲ ୧୭ ତାରିଖ ଦିନ ବାଣିଜ୍ୟିକ କ୍ରୁ ଡେଭଲପମେଣ୍ଟ ପ୍ରୋଗ୍ରାମ ସହିତ ପୁନର୍ବାର ନିଯୁକ୍ତ ହେବା ଫଳରେ କ୍ରିଷ୍ଟିନାଙ୍କ ଏହି ମିଶନଟି ୨୦୨୦ ଫେବୃଆରୀ ପର୍ଯ୍ୟନ୍ତ ବଢେଇ ଦିଆଯାଇଥିଲା । ସମୁଦାୟ ୩୨୮ ଦିନ ମହାକାଶରେ ରହିବା ପରେ ୨୦୨୦ ଫେବୃଆରୀ ୬ ତାରିଖ ଦିନ ପୃଥିବୀକୁ ଫେରି ଆସିଥିଲେ । ହିସାବ ଅନୁସାରେ କ୍ରିଷ୍ଟିନା ଯେତିକି ସମୟ ମହାଶୂନ୍ୟରେ ଭାସି ରହିଥିଲେ, ସେତିକି ସମୟ ମଧ୍ୟରେ ୫୨୪୮ ଥର ପୃଥିବୀର ପ୍ରଦକ୍ଷିଣ ଏବଂ ପୃଥିବୀଠାରୁ ଚନ୍ଦ୍ରକୁ ୨୯୧ ଥର ଯିବା ଆସିବା କରିହେବ । ପୃଥିବୀକୁ ଫେରି ଆସିବା ପରେ ସେ ଏବେ ନାସାରେ କର୍ମରତ ।

ଏହି ସାହସିନୀ ମହିଳା ଏଥର ଚନ୍ଦ୍ରାଭିଯାନରେ ସାମିଲ ହେବାକୁ ଯାଉଛନ୍ତି । ବିଶ୍ୱର ପ୍ରଥମ ମହିଳା ମହାକାଶଚାରୀ ଭାବରେ ଚନ୍ଦ୍ର ଅଭିଯାନରେ ସାମିଲ ହେବା ଯେତେଟା ରୋମାଞ୍ଚକର ଠିକ୍ ସେତେଟା ଭୟଙ୍କର । ତଥାପି ଏହି ଭୟଙ୍କର ତଥା ରୋମାଞ୍ଚକର ଅଭିଯାନରେ ସୁଯୋଗ ପାଇଥିବା ହେତୁ ଭୀଷଣ ଉଚ୍ଛ୍ୱସିତ ହୋଇ ପଡିଛନ୍ତି କ୍ରିଷ୍ଟିନା । ମହାକାଶ ବିଜ୍ଞାନ କ୍ଷେତ୍ରରେ ଆହୁରି ଏକ ନୂତନ ଅଧ୍ୟାୟ ଲିପିବଦ୍ଧ କରିବାକୁ ଯାଉଛି ଆର୍ଟେମିସ-୨ ଅଭିଯାନ ।

ନାରୀ କେବଳ ଅବଳା, ଦୁର୍ବଳା, ଗୃହକୋଣବାସିନୀ ନୁହେଁ, ଦୃଢ଼ ଇଚ୍ଛାଶକ୍ତି ଏବଂ ଅଧ୍ୟବସାୟ ବଳରେ ନାରୀ ପୁରୁଷଙ୍କ ଅପେକ୍ଷା ଅଧିକ ସଫଳ ଅନେକ କ୍ଷେତ୍ରରେ – ତାହାର ଜ୍ୱଳନ୍ତ ଉଦାହରଣ କ୍ରିଷ୍ଟିନା । ବିଶ୍ୱ ମହିଳା ଦିବସ ଅବସରରେ ମହାକାଶ ଗବେଷଣା କ୍ଷେତ୍ରରେ ନୂତନ ଇତିହାସ ରଚନା କରିବାକୁ ଯାଉଥିବା ଅନନ୍ୟା, ଅତୁଳନୀୟା କ୍ରିଷ୍ଟିନାଙ୍କୁ ଅନେକ ଅନେକ ଶୁଭକାମନା ଓ ଅଭିନନ୍ଦନ ।

**–ପ୍ରଦୀପ କୁମାର ରାୟ**
*ମୋ: ୯୪୩୭୫୩୪୭୭୩*







# ସ୍ୱୟଂସକ୍ଷମା ଅପର୍ଣ୍ଣା

## ଓଡ଼ିଆ କାବ୍ୟ ସାହିତ୍ୟରେ ଜଣେ ଆଦରଣୀୟ ବ୍ୟକ୍ତିତ୍ୱ ଅପର୍ଣ୍ଣା ମହାନ୍ତି । ଯିଏ କି ଶିକ୍ଷା ଓ ସାହିତ୍ୟ ପ୍ରତି ଉତ୍ସର୍ଗ କରିଛନ୍ତି ତାଙ୍କ ସମଗ୍ର ଜୀବନ...

ଓଡ଼ିଆ କାବ୍ୟ ସାହିତ୍ୟରେ ଜଣେ ଆଦରଣୀୟ ବ୍ୟକ୍ତିତ୍ୱ, ନିଆରା ସ୍ରଷ୍ଟା ସର୍ବୋପରି ଜଣେ ବରିଷ୍ଠ କବୟିତ୍ରୀ **ଅପର୍ଣ୍ଣା ମହାନ୍ତି** । ଯିଏ କି ଶିକ୍ଷା ଓ ସାହିତ୍ୟ ପ୍ରତି ଉତ୍ସର୍ଗ କରିଛନ୍ତି ତାଙ୍କ ସମଗ୍ର ଜୀବନ । ନିଜର ସୃଷ୍ଟି ଓ ସର୍ଜନା ପାଇଁ ତାଙ୍କର ସ୍ଥାନ ସ୍ୱତନ୍ତ୍ର । ପ୍ରେମ, ବିଦ୍ରୋହ, ପ୍ରତାରଣା, ପ୍ରେରଣା, ଯାହା ଏ ସଂସାରରେ ନାରୀଟିକୁ ପ୍ରାପ୍ତ ହୋଇଥାଏ । ସେହିସବୁ କଥା କାହାଣୀ ପାଠକ ଖୋଜି ପାଇଥାଏ ତାଙ୍କ କବିତାରେ । ସମାଜରେ ନାରୀର ସ୍ଥିତି ସମ୍ବନ୍ଧରେ ବିଚାର  କରିଥାଏ ପାଠକ । ବାପା ବିଚିତ୍ରା ନନ୍ଦ ମହାନ୍ତି, ମାଆ ନିର୍ମଳା ମହାନ୍ତିଙ୍କ ଚାରିକନ୍ୟା ମଧ୍ୟରୁ ଜ୍ୟେଷ୍ଠାକନ୍ୟା ଅପର୍ଣ୍ଣାଙ୍କର ଜନ୍ମ ୧୯୫୨, ଡିସେମ୍ବର ୧୬ ତାରିଖ କେନ୍ଦ୍ରାପଡ଼ା ଜିଲାର ଗୋରଖପୁର ଗ୍ରାମରେ, ଏକ ସଂସ୍କୃତି ଓ ସଂସ୍କାରପୂର୍ଣ୍ଣ ପରିବାରରେ । ଯେଉଁ ପରିବାରର ମୂଳମନ୍ତ୍ର ଥିଲା ମାନବ ସେବା, ଦାନ, ଧର୍ମ ଓ ଜୀବେଦୟା । ବାପା, ବୋଉ ଉଭୟ ଥିଲେ ଭୂଦାନ ଓ ସର୍ବୋଦୟ କର୍ମୀ । ବଡ଼ବାପା ଥିଲେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସଚ୍ଚିଦାନନ୍ଦ ମହାନ୍ତି । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପୂରା ପରିବାର ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଦେଶ ସେବାରେ ବ୍ରତୀ ଥିଲେ । ଏଣୁ ଖୁବ୍ ପିଲାଦିନୁ ପୂଜ୍ୟ ସ୍ୱାଧୀନତା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣା, ଶରତ ଚନ୍ଦ୍ର ମହାରଣା, ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀଙ୍କ ଆଦର ଯତ୍ନରେ ସେ ବଢ଼ିଛନ୍ତି । ମାଆ ଅନ୍ନପୂର୍ଣ୍ଣା ହିଁ ତାଙ୍କ ନାଆଁ ରଖିଥିଲେ ଅପର୍ଣ୍ଣା ।  ତେବେ ଚାରି ବର୍ଷ ବୟସରୁ ସେ ଚାଲି ଆସିଥିଲେ ଜନୌକା ମଣିନାଗ ଗୁମ୍ଫାଠାରେ ଅବସ୍ଥିତ ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରୀଙ୍କ ଆଶ୍ରମକୁ । ସେହିଠାରେ ହିଁ ଲାଳନପାଳନ ଓ ପ୍ରାରମ୍ଭିକ ଶିକ୍ଷା  ଆରମ୍ଭ । ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରୀ ନିମ୍ନ ବିଦ୍ୟାଳୟ, କପିଳେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସନ୍ଥ ନଳିନୀ ହାଇସ୍କୁଲ କଟକ ତୁଳସୀପୁର, ସରକାରୀ ବାଳିକା ବିଦ୍ୟାଳୟ କେନ୍ଦ୍ରାପଡାରେ ସ୍କୁଲ ଶିକ୍ଷା ସମାପ୍ତ କରି ଶୈଳବାଳା ମହିଳା କଲେଜ ଏବଂ କେନ୍ଦ୍ରାପଡ଼ା  ମହାବିଦ୍ୟାଳୟରେ ସ୍ନାତକ ଡିଗ୍ରୀ ହାସଲ କରିବା ସହ ରେଭେନ୍ସାରୁ ସ୍ନାତକୋତ୍ତର ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ବିଭାଗରେ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି । ଅପର୍ଣ୍ଣା କୁହନ୍ତି, ମୋ' ପିଲାଦିନ ଆଶ୍ରମ ପରିବେଶରେ କଟିଥିବାରୁ ମୁଁ ଖୁବ୍ ଈଶ୍ୱର ବିଶ୍ୱାସୀ । ଛୋଟ  ସମୟରୁ ହିଁ ଜହ୍ନରାତିରେ  କଇଁଫୁଲର ପୋଖରୀ, ତରୁଲତା, ବଣ ପାହାଡ଼ଘେରା ଆଶ୍ରମର ପରିବେଶ ମୋତେ ବିଭୋର କରୁଥିଲା । ଅନେକ ସମୟରେ ଏକା ଏକା  ଠିଆ ହୋଇ ସେ ସବୁର ସୁନ୍ଦର ଦୃଶ୍ୟ ମନଭରି ଉପଭୋଗ କରେ । ମୋ କବିତା ଲେଖାର ବୀଜ ସେହିଠାରେ ହିଁ ଅଙ୍କୁରିତ । ବାବା ନିଜେ ଭଜନ ଜଣାଣ ଲେଖନ୍ତି । ହାର୍‌ମୋନିୟମରେ ପକାଇ ମୋତେ ଗୀତ ଶିଖାନ୍ତି । ପିଲାଦିନେ ଭଲ ଗାଉଥିଲି । ଏବେ ବି ସଙ୍ଗୀତ ପ୍ରତି ରହିଛି ମୋର ପ୍ରଥମ ଆକର୍ଷଣ । ବାବାଙ୍କ ଗୀତଲେଖାର ପ୍ରେରଣା ପାଇ ଦିନେ ମନକୁମନ ମୁଁ କେଇ ଧାଡ଼ି ପ୍ରଭୁଙ୍କ ଭଜନ ଲେଖି ବାବାଙ୍କୁ ଦେଖାଇଲି । ବାବା ଖୁବ୍ ପ୍ରଶଂସା କଲେ । ଲେଖିବାର ପ୍ରେରଣା ଦେଲେ । ଜୀବଜଗତ, ପ୍ରକୃତିକୁ ଭଲପାଇ ସ୍ୱାଧୀନ ଚେତା ଭାବେ ବଞ୍ଚିବା ମୁଁ ମୋ ଚାରିପାଖ ପରିବେଶରୁ ହିଁ ଶିକ୍ଷା ପାଇଛି । ଯେଉଁ ସ୍ୱାଧୀନଚେତା ପ୍ରତିଫଳିତ ହୋଇଥାଏ ମୋ କଲମରେ । କବିତା ମୋର ପ୍ରାଣ ପ୍ରିୟା । ହସ-କାନ୍ଦ, ରାଗ-ରୁଷା,  ଅଭିମାନ ସବୁ ତାରି ପାଖରେ ବନ୍ଧା । ପ୍ରାରମ୍ଭରୁ ଗୀତି-କବିତା ଲେଖିବା ମୋର ପ୍ରଥମ ପସନ୍ଦ ଥିଲା । ନିଜ ଲେଖାକୁ ସୁର ଦେଇ ସାଙ୍ଗମାନଙ୍କୁ ନୃତ୍ୟ ଅଭିନୟ ଶିଖାଉଥିଲି । ସଂକୀର୍ତ୍ତନ, ରାମଲୀଳା କରିବା ମୋର ଭାରି ସଉକ ଥିଲା ।ଅଧ୍ୟାପିକା ହେଲାପରେ ମଧ୍ୟ ନିଜ ରଚନା ଓ ନିର୍ଦ୍ଦେଶନାରେ ବହୁ ନୃତ୍ୟ ନାଟିକା ମଞ୍ଚସ୍ଥ କରିଛି । ୧୯୭୫ରେ ଅପର୍ଣ୍ଣା ବିବାହ କରନ୍ତି ଡକ୍ଟର ଧୀରେନ୍ଦ୍ର କୁମାର ମହାନ୍ତିଙ୍କୁ । ସ୍ୱାମୀ ମଧ୍ୟ ପେସାରେ ଅଧ୍ୟାପକ । କବିଙ୍କ ଲେଖାର ପ୍ରଥମ ପାଠକ ଓ ସମାଲୋଚକ । ଦୁଇ କନ୍ୟାଙ୍କ ଜନନୀ  ଡକ୍ଟର ମହାନ୍ତି  ୧୯୭୭ ମସିହାରୁ ପ୍ରଥମେ ଆଳି କଲେଜ, ତୁଳସୀ ମହାବିଦ୍ୟାଳୟ ଓ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶିକ୍ଷା ଦାନକରି ଅଧ୍ୟାପିକା ବୃତ୍ତିରୁ ଅବସର ଗ୍ରହଣ କରି ସାରିଛନ୍ତି । କବିଙ୍କର କବିତା ହିନ୍ଦୀ, ବଙ୍ଗଳା, ମରାଠୀ, କନ୍ନଡ, ଗୁଜରାଟୀ, ତେଲୁଗୁ ବହୁ ଭାରତୀୟ ଭାଷା ସହିତ ଇଂଲିଶ୍‌ରେ ମଧ୍ୟ ଅନୁବାଦ ହୋଇଛି । ଲେଖିକା କୁହନ୍ତି, ମୋର ଅନେକ ପାଠିକାପାଠକ କବିତା ପଢ଼ି ମୋ ସହିତ ସୁଖଦୁଃଖ, ସମସ୍ୟା ବାଣ୍ଟିଛନ୍ତି । ଯେତେବେଳେ ମୋର କବିତା କାହା ଜୀବନର ଚିନ୍ତନକୁ ବଦଳାଇ ଜୀବନ ଜିଇବାର ନୂଆ ରାହା ଦେଖାଇଥାଏ ସେ ଉପହାର ମୋ ପାଇଁ ଶ୍ରେଷ୍ଠ ଉପହାର ପାଲଟିଯାଏ । ଉତ୍କଳ ସମ୍ମିଳନୀ, ଉତ୍କଳ ସାହିତ୍ୟ ସମାଜ, ଓଡ଼ିଶା ଲେଖିକା ସଂସଦ, ଓଡ଼ିଶା ଗବେଷଣା ପରିଷଦ, କେନ୍ଦ୍ରାପଡ଼ା ସାହିତ୍ୟ ପରିଷଦର ଆଜୀବନ ସଦସ୍ୟା ଅପର୍ଣ୍ଣାଙ୍କର ପାଠକାଦୃତି ପାଇଥିବା କାବ୍ୟ ଗ୍ରନ୍ଥଗୁଡ଼ିକ ମଧ୍ୟରେ ଅବ୍ୟକ୍ତ ଆତ୍ମୀୟତା, ଅସତୀ ନାରୀ, ନିଃଶବ୍ଦରେ ଅତିଥି, ପୂର୍ଣ୍ଣତମା, ଝିଅ ପାଇଁ ଝର୍କାଟିଏ, ନଷ୍ଟ ନାରୀ, ତୀର୍ଥଯାତ୍ରା, ମା'ର କାନ୍ଦଣା ଗୀତ ଇତ୍ୟାଦି ଅନ୍ୟତମ । ତାଙ୍କର ପ୍ରବନ୍ଧ ପୁସ୍ତକ ଓଡ଼ିଆ ଉପନ୍ୟାସରେ ନାରୀ ଚରିତ୍ର ଅନ୍ତରଙ୍ଗ ଆଲୋଚନା ଏକ ବହୁଚର୍ଚ୍ଚିତ ପୁସ୍ତକ । ଏତଦ୍‌ବ୍ୟତୀତ ଲେଖିକା କିଛି ଅନୁବାଦ ପୁସ୍ତକର ରଚୟିତା ଅଟନ୍ତି । ଅଧ୍ୟାପିକା ଜୀବନରୁ ଅବସର ନେଇସାରିଥିବା କବୟିତ୍ରୀ ଡକ୍ଟର ମହାନ୍ତି ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସେବାରେ ନିଜକୁ ସମର୍ପିତ କରିଛନ୍ତି । ହିନ୍ଦୀ, ବଙ୍ଗଳା, ଗୁଜରାଟୀ, ମରାଠୀ, କନ୍ନଡ, ଇଂଲିଶ୍ ଇତ୍ୟାଦି ବହୁ ଭାରତୀୟ ଭାଷାରେ କବିଙ୍କର କବିତା ଅନୂଦିତ ହୋଇଛି ।  ନିଜର ସୃଷ୍ଟି ଓ ସର୍ଜନା ପାଇଁ ସେ ଅନେକ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି । ବିଷୁବ ସମ୍ମାନ, ପ୍ରଜାତନ୍ତ୍ର କବିତା ସମ୍ମାନ, ଝଙ୍କାର ସମ୍ମାନ, ସାହିତ୍ୟ ଭାରତୀ, କାଦମ୍ବିନୀ, ଗୋକର୍ଣ୍ଣିକା ସମ୍ମାନ, ସୁଚରିତା ଶ୍ରେଷ୍ଠ କବି ପୁରସ୍କାର, ଧ୍ୱନି ପ୍ରତିଧ୍ୱନି କବିତା ସମ୍ମାନ, ବିରାଜ ସମ୍ମାନ ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ଇତ୍ୟାଦି ଅନ୍ୟତମ ।






**-ପ୍ରିୟମ୍ବଦା ରଥ**
(ଆର୍ କେ ପୁରମ୍ ସେକ୍ଟର ୪), ନ୍ୟୁ ଦିଲ୍ଲୀ
ମୋ:୮୬୮୮୯୫୭୮୦୦









# ମୀମାଂସା

ଭାଇ ଏବେ ଗାଁରେ । ସେ ତୋଳାଇଥିବା ନିଜ ଉଆସ ଭିତରେ । ନନାଙ୍କ ଶବଦାହ କାମ ସାରି ଘରକୁ ଫେରିଲା ପରେ ଜାଣିଲୁ ଭାଇ ଆସିଯାଇଛି ଗାଁକୁ ନନାଙ୍କ କାମ କରିବାକୁ ।
ବୋଉ ଆସିବା ଜାଣି ପିମ୍ପୁଡି ଭଳି ଲୋକ ଘରେ ଜମା ହେଲେ । –ପଡ଼ିଥିଲା ବୁଢ଼ା, ଜଣେଇ ନ ଥାନ୍ତ ?
– ଆମ୍ବୁଲାନ୍ସରେ ଗଲଟି, ଖବର ଦେଇ ନ ଥାନ୍ତ ?
ବୋଉ ଚୁପ୍ । –ଘଟ କ'ଣ ଦୁଇଟା ଗୋଟିଏ ଘରେ ବସିବ ? ଝିଅ ତ ପଥଶ୍ରାଦ୍ଧ କଲା, ମୁଖାଗ୍ନି ଦେଲା । ତୁମେ କୁଆଡ଼େ ପୁଅକୁ ତା' ବୋପା ଦେହ ଛୁଆଁଇ ଦେଲନି ! ଏବେ ପୁଅ ତା' ଦାଣ୍ଡ ଦୁଆରେ ଆଉ ଝିଅ ଏଇ ବାରିପଟେ ଘଟ ପୋତିବ ?
–ମାଇକିନିଆ ଝିଅ ଦେହ ମାରା ଅଛି କି ନା ? ଏଥିରେ ଚଉଦ ଦିନର କ୍ରିୟା । ଧରିପାରିବ ସେ ? ରାତି ଅଧିଆ କାମ । ହାଡ଼ଥରା ଜାଡ଼ରେ ପୋଖରୀ ବୁଡ଼ । ପାରିବ ସେ ? ଏକବସ୍ତ୍ରୀ ଗାମୁଛା ଓ ଲୁଗାରେ ଫରକ ଅଛି କି ନାହିଁ ? ପୁରୋହିତ ଚିଡିମିଡ଼ି ।
ବୋଉର ଏକା ଜିଦ୍ । ମୋ ଝିଅ କରିବ ।
ଡାକ୍ତରଖାନା ନେଇଚି ସିଏ । ଭଲ ମନ୍ଦରେ ପୁଅ ହୋଇ ପାଖରେ ଠିଆ ହୋଇଛି ସେ । ପଥ ଶ୍ରାଦ୍ଧ କଲା ସେ । ଅସ୍ଥି ଶୀତଳେଇ ଆଣିଲା ସେ । ତା' ନନା କହିଛନ୍ତି ଝିଅ ନୁହେଁ ସେ ତାଙ୍କ ପୁଅ । ତେଣୁ ସେ ହିଁ କ୍ରିୟା ଧରିବ ।
ବିଗିଡ଼ିଗଲେ ପୁରୋହିତ । ଅସନ୍ତୁଷ୍ଟ ହେଲେ ଜ୍ଞାତି କୁଟୁମ୍ବର ପଇଡାଧାରୀ ଶୁଭେଚ୍ଛୁ। ହେଲା, ପୁଅଟା ପଚାରୁ ନ ଥିଲା । ଠିକ୍ ସମୟରେ ଡାକ୍ତର ଡାକି ଦେଖେଇ ପାରିଲାନି କି ଡାକ୍ତରଖାନା ନେଲାନି। ବୁଢ଼ାଟା ପୁଅ ପୁଅ ବୋଲି ପାଣି ପିଉ ନ ଥିଲା ବୋଲି ତ ବାପ ମଲା ଖବର ଶୁଣୁ ଶୁଣୁ ଗାଡି ଭଡା କରି ଟାଣି ହୋଇ ସ୍ୱର୍ଗଦ୍ୱାର ଦଉଡ଼ି ଗଲା । ବୁଢ଼ାର ଇଚ୍ଛା ନ ଥିଲେ କ'ଣ ସେ ଯାଇ ପାରିଥାନ୍ତା ? ମୁଖାଗ୍ନି ଦିଆଇ ଦେଲିନି । କ'ଣ ନା ଝିଅ ଦେଉ ନ ହେଲେ ମୁଁ ଦେଇଦେବି । ନ ହେଲେ ଫିଙ୍ଗି ଦିଅ । ବିଲୁଆ, କୁକୁର ମଡା ମାଉଁସ ଖାଇ ଭୋକ ମାରନ୍ତୁ । ଏଇଠି ବି ସେଇ ପାଲା । ପୁଅ ଯାହାହେଲେ ପୁଅ । ବୁଢ଼ାର ଆତ୍ମା ଶାନ୍ତି କର । ପୁଅକୁ କର୍ମ କରିବାକୁ ଦିଅ ।
– ନା । ବୋଉ ଆଖିରେ ଲୁହ ସବୁ ନିଆଁ । ଖୁବ୍ କଠିନ ଦିଶୁଥିଲା ତା'ର ଲୁହ ବତୁରା ଶୋଖା ମୁହଁ ।
ମୁଁ ବି କମ୍ ଲଟପଟ ହେଉ ନ ଥିଲି ଏଇ ସାମାଜିକ ବିଚାରରେ । ଖୁବ୍ ପଢ଼ାପଢ଼ି ମୋର । ରୋଜଗାରକ୍ଷମ । କୁପ୍ରଥା, ଅନ୍ଧବିଶ୍ୱାସ ଉପରେ ଥରେ ଅଧେ ଭାଷଣ ଦେଇପାରେ। ପିଲାଙ୍କୁ ବୁଝାଏ । ନନାଙ୍କ ଆତ୍ମା ଶାନ୍ତି ପାଇଁ ବୋଉ ରାଜି ହୋଇଗଲେ କ୍ଷତି କ'ଣ ? ଭାଇ ତ ନିଜେ ପ୍ରସ୍ତୁତ ହୋଇ ଆସିଛି । କିଛି କହି ପାରୁ ନ ଥିଲି ବୋଉକୁ । ଡାକ୍ତରଖାନା ହତାରେ କାଖର ଛୁଆ ଭଳି ମୋ ଛାତିରେ ମୁଣ୍ଡ ଗୁଞ୍ଜି କାନ୍ଦୁଥିବା ବୋଉ ଏବେ ସେଇ ବୋଉ ନୁହେଁ ।

–ସତର ଦିନର କଷ୍ଟ ଲୋ ଧନ । ଆଜିକା ଭଳି କେଉଁ ଡାକ୍ତରଖାନା ଥିଲା ! ଷୋହଳ ବର୍ଷ ବୟସରେ ତୋ ଭାଇନାର ଜନ୍ମ । ନନାଙ୍କ ଆଖିରେ ତୋର ଭାଇନା ସବୁବେଳେ । ଆସିକି ଏଇଲେ ଠିଆ ହୋଇଗଲେ ଦେଖିବୁ ଝାଡ଼ିଝୁଡ଼ି ହୋଇ ଉଠି ବସିବେ ତୋ ନନା। ଖବର କିଏ ଦେବ ? ଶୁଣିଲେ କହିବ ଗୋଟେ ଫାର୍ସ ଚାଲିଛି । ବୁଢ଼ା ପେଖନା କାଢୁଛି ।
– ଆସିଛି ତ ପୁଅ । ଘର ଘର ବୁଲି ବାପର କ୍ରିୟା କରିବାକୁ ନେହୁରା ହେଉଛି। କୋଉ ଛଅଟା କି ନଅଟା । ଗୋଟିଏ ବୋଲି ପୁଅ । ଚାରିଦିନ ପରେ ସେଇ ରେକର୍ଡ ବଜଉଚି ବୁଢ଼ୀ । କ'ଣ ନା ସବୁ କରିବ ଝିଅ । ଗାଁ ଲୋକେ ଖପ୍ପା ।
–ନାହିଁ ତ ନାହିଁ ପୁଅ ସୁଖ ନାହିଁ । ଏଇ ଘର ଡିହ ଖଣ୍ଡକ ଝିଅମାନଙ୍କୁ ଦେଇଦେବି ବୋଲି ଡରୁଛି ବୋଲି ଦଉଡି ଆଇଛି ସେ । ଯାହା ତା'ର ଇଚ୍ଛା ସେ କରୁ । ରାତି ଅଧ ଯାଏଁ କୁଇ ପାଖେ ଠିଆ ହୋଇ ଅସ୍ଥି ଆଣିଛି ମୋ ଝିଅ ତା' ବାପାର । ସେ ହିଁ କରିବ ସବୁ ।
– ସେ କାହାର ବୋହୂ । କାହାର ସ୍ତ୍ରୀ , କାହାର ମା' । ସେ ପରଗୋତ୍ରୀ । କେଉଁ ବା ଭଲ ରହୁଛି ତା ଦେହ ? ପ୍ରେତକୁ କାନ୍ଧେଇ ବର୍ଷେ ରହି ପାରିବ କ'ଣ ସବୁ ବିଧିବିଧାନ ମାନି ? ବୋଉକୁ ବୁଝେଇବାକୁ ବସିଥିଲେ ମାଉସୀ, ପିଉସୀ, ଖୁଡ଼ୀ ଖୋଦ ମୋ ଶାଶୁ ଓ ଦିଅର ।
ପାଟି ବନ୍ଦ ମୋର । ମେଡିକାଲ ୱାର୍ଡରେ ପଡ଼ି ରହିଥିବା ନନାଙ୍କ ସମୟର ମାନସିକ ଅବସ୍ଥାଠାରୁ ଆହୁରି ଭୟାନକ, ଅସହାୟ ଏଇ ସମୟ ।
ବାହାରେ ହୋ ହୋ – ବିଧିକୁ ନେଇ, ବ୍ୟବସ୍ଥାକୁ ନେଇ , ସାମାଜିକତାକୁ ନେଇ, ଘରୋଇ ରାଜନୀତିକୁ ନେଇ । ବୋଉଟି ଏକୁଟିଆ । ଯେମିତି ସେ ଏକୁଟିଆ ଲଢୁଥିଲା ସବୁବେଳେ । ପିଲା କନିଆରେ ବାହା ହୋଇ ଆସିଲା ଦିନୁ ବ୍ୟବସ୍ଥା ସହ ନିଜକୁ ଛନ୍ଦୁ ଛନ୍ଦୁ ଯେମିତି ଲଢୁଥିଲା ନିଜ ଲୋଭ ସହ, ଇଚ୍ଛା ସହ, ଭୋକ ସହ ଯେମିତି ଲଢୁଥିଲା ନିଜ ହତାଶା ଆଉ ଦୁଃଖ ସହ ନନାଙ୍କୁ ମାନିନେଲା ବେଳେ, ଯେମିତି ଲଢୁଥିଲା ଅସୁସ୍ଥ ନନାଙ୍କ ପାଇଁ ସମୟ ସହ ପିଲାଏ ଘରୁ ନିଜ ନିଜ ଭବିଷ୍ୟତ ଗଢ଼ିବା ପାଇଁ ବାହାରକୁ ବାହାରିଗଲା ପରେ । ସେହି ଲଢୁଆ ବୋଉ ନିଜ ଆଡୁ କିଛି ହିଁ କହୁ ନ ଥିଲା । ଯିଏ କିଛି କହୁଥିଲେ କେବଳ ଉତ୍ତର ଫେରାଉଥିଲା ସଶକ୍ତ କଣ୍ଠରେ ।
ମୋତେ ଖୁବ୍ ଡର । ଡର ଲୋକଙ୍କ କଥାକୁ । ଭାଇକୁ, ତା'ର କ୍ରୋଧକୁ । ଖୁବ୍ ଡର ନିଜ ଭିତରର ବେମାରୀକୁ, ତା'ର ପ୍ରକୋପକୁ । ଖୁବ୍ ଡର ଶାଶୂଘର ଅସନ୍ତୋଷକୁ। ଡର ପ୍ରେତଲୋକର ବିଶ୍ୱାସକୁ, ଈଶ୍ୱରଙ୍କୁ । ନନା ଖୁବ୍ ଖୋଜି ହେଉଥିଲେ ଭାଇକୁ ସବୁବେଳେ । ସେ ହଷ୍ଟେଲରେ ରହି ପଢୁଥିଲାବେଳେ । ଚାକିରିରେ ବାହାରେ ଥିଲାବେଳେ । ପୈତୃକ ସମ୍ପତ୍ତି କାହିଁକି ବିକିଦେଲେ, କାହିଁକି ଆର୍ଥିକ ଭାବରେ ତାକୁ ସ୍ୱଚ୍ଛଳ କଲେନି ବୋଲି ନିନ୍ଦା ଦେଇ ମୁହଁ ଫେରେଇ ଦୂରେଇ ଗଲାବେଳେ । ଯଦି ନିଜେ ନନା ଚାହୁଁଥିବେ ? ମଲାପରେ ବି ଆହୁରି ଦୁଃଖ ଦେବି ? ? ? ପୂଜା ଅର୍ଚ୍ଚନାରେ ଖୁବ୍ ନିଷ୍ଠାପର ମୋ ବୋଉ । ପୂଜାପର୍ବରେ ଛୁଆଁ ଅଛୁଆଁ ବାରଣ ଖୁବ୍ । ନନା ତ ମଲା ପରେ ଏବେ ଠାକୁର । ତାଙ୍କର ପୂଜା ହେବ। ସମୂହ ଶାନ୍ତି ପାଇଁ ଧାଡିଏ ମିଛ ଏମିତିରେ କୁହାଯାଇପାରେ । ସଭିଙ୍କ ମଙ୍ଗଳ । ସଭିଏଁ ଶାନ୍ତି ।
ବୋଉ ପାଖେ ଠିଆ ହେଲି । ବୋଉ ଜାଣିଲା କିଛି କହିବି ତାକୁ । ସେ ଆଖିରେ ପଚାରିଲା । କ'ଣ ? ମୁଁ କହିଲି ଗୁଣୁ ଗୁଣୁ ହୋଇ । –ପେଟ ମୋଡ଼ି ହେଉଥିଲା ଲୋ ବୋଉ ଦୁଇ ଦିନ ହେଲା । ଏଇଲେ ଜାଣୁଛି ଗାଧେଇବି । କ'ଣ କରିବି ? ବୋଉ ସଳଖି ବସିଲା । କହିଲା ମୋ ଭଳି ମୋତେ ଅନୁଚ୍ଚ ସ୍ୱରରେ । ଗାଧେଇପକା । କାହାକୁ ଜଣେଇବା ଦରକାର ନାହିଁ । ବୋଉ ମୋତେ ଦିଶୁଥିଲା କାଳୀ ପରି ଉଗ୍ର ଅଥଚ କମନୀୟ । ମୁଁ ପୋତିଲି ଲୁହ ଛଳଛଳ ଆଖିରେ ।

–ମାନମୟୀ ରଥ
ସେଣ୍ଟ ଜାଭିୟର୍ସ କିଣ୍ଡ୍, ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯

## ପ୍ରଶ୍ନ

–ପଦ୍ମଜା ଶରଣ

ଆମ୍ବ ଗଛର
ଗୋଟିଏ ଡାଳରେ
ଫଗୁଣର ଦସ୍ତଖତ
ବଉଳ ପେଣ୍ଡା ।

ଅନ୍ୟ ଡାଳରେ
କପୋତୀର ଗୀତ
ସେର ପୁରୁଛି
ଇଡି ହେଉଛି ଚାଉଳ

କ'ଣ କରିହେବ ଯେ!!
କପୋତୀକୁ ବଉଳ ପେଣ୍ଡା
ବଉଳ ପେଣ୍ଡାକୁ ମୃତ୍ୟୁ ଗୀତରେ
ବଦଳାଇ ଦେବ ?

–ନୀଳକଣ୍ଠପୁର ଶାସନ, ଯାଜପୁର
ମୋ: ୭୯୭୮୯ ୭୩୬୬୪


## କବି ଓ କବିତା

**ଅୟନ ଘୋଷ**
**ଅନୁବାଦ: ଶ୍ରେୟା ହାଲଦାର**

ଆଲୋକ ଠାରୁ ଦୂରରେ ଠିଆ
ହୋଇଛି କବିତା।
କବି ଆଡ଼କୁ ଟିକିଏ ହଲେଇ,
ଯେମିତି ଶ୍ୟାମ ଥାଆନ୍ତି ଶ୍ରୀମତିଙ୍କ
ପଟେ।
ଦୁଇଜଣ ସମ୍ପୂର୍ଣ୍ଣ ଅଚିହ୍ନା ମଣିଷ
ଭାରି ବିପରୀତ ସେମାନେ
ଯାହାକୁ କୁହାଯାଏ ବିପରୀତ ମେରୁ।
ମିଳନ କହିଲେ ସାମାନ୍ୟ
ଦୁଇଜଣ ପୋଡୁଛନ୍ତି ନିଆଁରେ

ଏକାତ୍ମ ହେଉଛନ୍ତି ଗୃହହୀନ
ମଣିଷମାନଙ୍କ ସହିତ।
ଥରୁଛି ପୌଷ ଶୁଷ୍କ ଶୀତରେ
ଏହାଠାରୁ ବେଶୀ କିଛି ନୁହେଁ।
ତଥାପି ରହିଛି ଗଭୀର ଆକର୍ଷଣ
ବିଜ୍ଞାନର ଭାଷାରେ
ବିପରୀତମୁଖୀ ଆକର୍ଷଣ।
ଯାହା ଖାତ ପରି ଗଭୀର
ମୃତ୍ୟୁ ପରି ଅନିବାର୍ଯ୍ୟ।

–ବେଲଘରିଆ, କୋଲକାତା
ମୋ:୯୨୩୧୩୩୬୭୫୧



# ଆଶା ରଖିଛନ୍ତି କରୀନା

ଚଳିତ ମାସ ୨୯ରେ ରିଲିଜ ହେବାକୁ ଯାଉଛି ହିନ୍ଦୀ ସିନେମା 'କ୍ରିଉ'। ଏହାର ମୁଖ୍ୟ ଭୂମିକାରେ କରୀନା କପୁର, ତବୁ ଏବଂ କ୍ରିତୀ ସାନନ୍ ଅଭିନୟ କରିଛନ୍ତି। ଏମାନଙ୍କୁ ଏହି ଫିଲ୍ମରେ ଏୟାର ହୋଷ୍ଟେସ ଭାବରେ ଦର୍ଶକ ଦେଖିବାକୁ ପାଇବେ। ଆଉ ଏଭଳି ଏକ ଭିନ୍ନ ଧରଣର ରୋଲ୍‌ର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି କରୀନା। ଏ ବିଷୟରେ ସେ କହନ୍ତି, 'ଯେତେବେଳେ ଏହି ଫିଲ୍ମର କାହାଣୀ ଶୁଣିଲି ଏବଂ ମୋ ନିଜ ଭୂମିକା ବିଷୟରେ ଅବଗତ ହେଲି ସେତେବେଳେ ଭାବି ନେଇଥିଲି ଯେ ଏଭଳି ରୋଲ୍‌କୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ମୋତେ ସ୍ପେଶାଲ ପରିଶ୍ରମ କରିବାକୁ ପଡିବ। ଶୁଟିଂ ସମୟରେ କାହାଣୀକୁ ଜଷ୍ଟିସ ଦେବାକୁ ସମସ୍ତ କଳାକାର ଚେଷ୍ଟା କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ଚଳିତ ମାସ ୨୯ରେ ଫିଲ୍ମଟି ପରଦା ଉପରକୁ ଆସିବ। ସିନେମାଟିକୁ ଦର୍ଶକ ଗ୍ରହଣ କରିବେ ବୋଲି ମୋର ବିଶ୍ୱାସ ରହିଛି।' ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଏକତା କପୁର, ରିଆ କପୁର ଏବଂ ଅନୀଲ କପୁର। ନିର୍ଦ୍ଦେଶନା ଦେଇଛନ୍ତି ରାଜେଶ କ୍ରିଷ୍ଣନ। ତେବେ ଏହି ସିନେମା ବକ୍ସ ଅଫିସରେ କେତେ ବିଜନେସ୍ କରୁଛି ତାହା ଦେଖିବାକୁ ବାକି ରହିଲା।



କରୀନା

# କିଆରାଙ୍କ ଫିଟନେସ୍ ଟିପ୍ସ

କିଆରା ଆଡଓ୍ୱାନୀ ଏବେ କିଛି ଟିପ୍ସ ବାଣ୍ଟିବାରେ ଲାଗିଛନ୍ତି। ନିକଟରେ ଶପିଂ କରିବା ସମୟରେ ତାଙ୍କର କେତେ ଜଣ ସାଙ୍ଗଙ୍କ ସହ ଭେଟ ହୋଇଗଲା। ବାସ୍, ତା'ପରେ କାଫେରେ କଫି ପିଆ ସାଙ୍ଗକୁ ଚାଲିଲା ଟିପ୍ସ ବଣ୍ଟା। ସେ କୋଉ ଟିପ୍ସ ବାଣ୍ଟୁଛନ୍ତି ଜାଣନ୍ତି ? ନିଜ ଫିଟନେସ୍ ଟିପ୍ସ। ସେ କହନ୍ତି, 'ମୋ ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ରହିଛି। ମୁଁ ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ, ଯୋଗ, ପ୍ରାଣାୟମ କରିବାକୁ ଭୁଲି ନ ଥାଏ। ତା'ସହ ଖାଦ୍ୟପେୟକୁ ନେଇ ବି ସଚେତନ ଥାଏ। ଜଣେ ନିୟମିତ ଏକ୍ସରସାଇଜ କରିବା ସହ କିଛି ସମୟ ଯୋଗ କରିବା ନିହାତି ଦରକାର।' କିଆରାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୪ରୁ ଆଉ ଫିଲ୍ମଟି ଥିଲା 'ଫୁଗ୍‌ଲି'। ଏହାପରେ ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଲା-'ଏମ.ଏସ.ଧୋନି-ଦ ଅନଟୋଲ୍ଡ ଷ୍ଟୋରି', 'ଲଷ୍ଟ ଷ୍ଟୋରିଜ', 'କଲଙ୍କ', 'କବୀର ସିଂ','ଗୁଡ୍ ନ୍ୟୁଜ୍', 'ଲକ୍ଷ୍ମୀ', 'ଇନ୍ଦୁ କି ଜଓ୍ୱାନୀ' ଏବଂ 'ସତ୍ୟପ୍ରେମ କି କଥା'। ଅନ୍ୟପକ୍ଷରେ ରାମଚରଣଙ୍କ ଅଭିନୀତ ତେଲୁଗୁ ଫିଲ୍ମ 'ଗେମ୍ ଚେଞ୍ଜର'ରେ ବି ସେ ନାୟିକା ସାଜିଛନ୍ତି।



କିଆରା

# ଇମୋଶନାଲ ଭୂମି



ଭୂମି

ଭୂମି ପେଡନେକର କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା। ନିକଟରେ ତାଙ୍କୁ ଏକ ନୂଆ ଅଫର ମିଳିଥିଲା। ଯେତେବେଳେ ଏହାର ନିର୍ଦ୍ଦେଶକ ତାଙ୍କୁ କାହାଣୀ ଶୁଣାଇଲେ, ଆରମ୍ଭରୁ ସେ ବେଶ୍ ଗମ୍ଭୀରତାର ସହ ଶୁଣିଥିଲେ। ହେଲେ ଯେତେବେଳେ କାହାଣୀର କ୍ଲାଇମାକ୍ସ ଆସିଲା, ସେତେବେଳେ ତାଙ୍କ ଆଖି ଛଳଛଳ ହୋଇଯାଇଥିଲା। ତାଙ୍କର ହଠାତ୍ ଏପରି ଅବସ୍ଥା ଦେଖି ନିର୍ଦ୍ଦେଶକ ଅଡୁଆରେ ପଡିଯାଇଥିଲେ। ଏଭଳି ଘଟଣା ସମ୍ପର୍କରେ ଭୂମି କହନ୍ତି, ''ନୂଆ ସିନେମାର କାହାଣୀରେ ଭିନ୍ନତା ରହିଛି। କେବଳ ସେତିକି ନୁହେଁ, ଏହା ମୋତେ ବେଶ୍ ଇମ୍ପ୍ରେଶ କରିଛି। କାହାଣୀ ଶୁଣିବା ବେଳେ ମୁଁ ଏମିତି ମଜ୍ଜି ଯାଇଥିଲି ଯେ, କ୍ଲାଇମାକ୍ସରେ ମୋ ଆଖି ଛଳଛଳ ହୋଇଯାଇଥିଲା। ଏହା ଦେଖି ପ୍ରଯୋଜକ ମୋତେ ପ୍ରଥମେ ସାଧାରଣ ଅବସ୍ଥାକୁ ଆସିବାକୁ କିଛି ସମୟ ଦେଇଥିଲେ।'' ତେବେ ଏହି ନୂଆ ଫିଲ୍ମଟି ଭୂମିଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ସେହି ୧୫ ଦିନ...

ଥରେ ମନେ ପକାନ୍ତୁ ନା ଏନ. ଚନ୍ଦ୍ରାଙ୍କ ବ୍ଲକ୍ ବଷ୍ଟର ଫିଲ୍ମ 'ତେଜାବ୍'କୁ। ଫିଲ୍ମଟି ସେ ସମୟରେ ଆଶାତୀତ ସଫଳତା ହାସଲ କରିଥିଲା। ବଲିଉଡ୍‌ର ଅନ୍ୟତମ ମ୍ୟୁଜିକାଲ ହିଟ୍ ଭାବରେ ଏହାକୁ ଗଣନା କରାଯାଏ। ବିଶେଷ ଭାବରେ 'ଏକ ଦୋ ତିନ୍' ଗୀତ ଦର୍ଶକଙ୍କୁ ମତୁଆଲା କରିଦେଇଥିଲା। ଏବେ ବି ଏହି ଗୀତକୁ ଅନେକ ଗୁଣୁଗୁଣେଇ ଥାଆନ୍ତି। କେବଳ ସେତିକି ନୁହେଁ, ଗୀତଟି ମାଧୁରୀଙ୍କୁ ରାତାରାତି ଷ୍ଟାର ମାନ୍ୟତା ଦେଇଥିଲା। ହେଲେ ଏହାର ଶୁଟିଂ ପୂର୍ବ ଘଟଣାକୁ ଏବେ ବି ମନେ ପକାନ୍ତି ମାଧୁରୀ। ସେ କହନ୍ତି, 'ଏହି ଗୀତର ଶୁଟିଂ ଆରମ୍ଭ ପୂର୍ବରୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ୧୫ ଦିନ ପର୍ଯ୍ୟନ୍ତ ଡ୍ୟାନ୍ସ ପ୍ରାକ୍ଟିସ କରିଥିଲି। ସେହି ସମୟର ପରିଶ୍ରମ କଥା ବର୍ଣ୍ଣନା କରିବା ସହଜ ନୁହେଁ। କୋରିଓଗ୍ରାଫର ଗୀତଟିକୁ ସକସେସ୍ କରିବାକୁ ସତେ ଯେମିତି ନିଜ ଜୀବନକୁ ବାଜି ଲଗେଇ ଦେଇଥିଲେ। ଶୁଟିଂ ସମୟରେ ଏଥିରେ ୧୦୦୦ ବ୍ୟକ୍ତି ଅଡିଏନ୍ସ ଭାବରେ ବସିଥିଲେ। ଆଉ ଏତେ ଲୋକଙ୍କ ସାମନାରେ ନାଚିବା ସତରେ ବଡ କଷ୍ଟକର ଥିଲା। କିନ୍ତୁ ମୁଁ ମନରେ ସାହସ ଏକଜୁଟ କରି ଶଟ୍ ଦେଇଥିଲି। ଆଉ ତା'ପରେ ଯାହା ହେଲା ତାହା ଦର୍ଶକଙ୍କ ଯୋଗୁଁ ହିଁ ସମ୍ଭବ ହୋଇଛି। ସେମାନେ ଏହି ଗୀତ ପାଇଁ ମୋତେ ଯେତିକି ଭଲ ପାଇବା ଦେଇଛନ୍ତି ତାହାକୁ ମୁଁ କେବେ ଭୁଲି ପାରିବି ନାହିଁ।' ୧୯୮୮ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମରେ ମାଧୁରୀଙ୍କ ବ୍ୟତୀତ ଅନୀଲ କପୁର, ଚଙ୍କି ପାଣ୍ଡେ, ଅନୁପମ ଖେର, ସୁରେଶ ଓବରୟ ଏବଂ ଅନୁ କପୁର ପ୍ରମୁଖ କଳାକାର ଅଭିନୟ କରିଥିଲେ। ଗୀତଗୁଡିକୁ ସ୍ୱରରେ ସଜାଇଥିଲେ ବିଶିଷ୍ଟ ସ୍ୱରକାର ଯୋଡି ଲକ୍ଷ୍ମୀକାନ୍ତ-ପ୍ୟାରେଲାଲ୍।



ମାଧୁରୀ

# ବଡ ସୁଯୋଗକୁ ଅପେକ୍ଷା

ପ୍ରଥମେ ଭଜନ ଆଉ ତା'ପରେ ଧାରାବାହିକ, ତା'ସହ ଆଧୁନିକ ଆଲବମ୍। ଆଉ ଠିକ୍ ସମୟରେ ତାଙ୍କୁ ବଡ ପରଦାରେ ମଧ୍ୟ ଏଣ୍ଟ୍ରି କରିବାକୁ ସୁଯୋଗ ମିଳିଲା। ଆଉ ତାଙ୍କୁ ଯେଉଁ ଭୂମିକାଗୁଡିକ ମିଳିଲା ତାହାକୁ ଠିକ୍ ଭାବରେ ତୁଲାଇ ସେ ସାଉଁଟିଛନ୍ତି ଅନେକ ପ୍ରଶଂସା। ଏବେ ବଡ ପରଦାରେ ସେ ଏକ ବଡ ସୁଯୋଗକୁ ଅପେକ୍ଷା କରିଛନ୍ତି। ହଁ, ସେ ହେଲେ ପୁରୀ ଜିଲ୍ଲା ଚନ୍ଦନପୁର ଅନ୍ତର୍ଗତ ବୀରପ୍ରତାପପୁର ଗ୍ରାମରେ ଜନ୍ମିତ ଦିପ୍ତୀ ରଞ୍ଜନ ଭୋଳ। 'ନବକଳେବର' ଭଜନରୁ ସେ କ୍ୟାମେରା ସାମନା କରିଥିଲେ। ତା'ପରେ ଧାରାବାହିକ 'କ୍ୱାଇଁ ନମ୍ବର ଓ୍ୱାନ', 'ଅର୍ଦ୍ଧାଙ୍ଗିନୀ, 'ସମ୍ପର୍କର ମାୟାଜାଲ' ଆଦିରେ ଭିନ୍ନ ଭିନ୍ନ ଭୂମିକାରେ ସେ ଦେଖାଦେଇଛନ୍ତି। ଓଡ଼ିଆ ଆଲବମ୍ 'ଦିଲ୍ ତୋ ପାଇଁ ବ୍ୟତୀତ ପୋଲିସ ଫାଇଲ, ସାଇବର କ୍ରାଇମ,ପର୍ଦ୍ଦାଫାସ ଏବଂ ମେକିଙ୍ଗ ନ୍ୟୁଜ୍ କାର୍ଯ୍ୟକ୍ରମ ତାଙ୍କୁ ମାଇଲେଜ ଦେଇଛି। ଅନ୍ୟପକ୍ଷରେ ଓଡ଼ିଆ ସିନେମା 'ପ୍ରେମରେ ରିସ୍କ ହେଲା ମତେ ଇସ୍କେ', 'ରୁଦ୍ରାଣୀ', 'ଅର୍ଦ୍ଧସତ୍ୟ', '୧୯୯୯', 'ବାଳୀ' ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଏ ପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକାଗୁଡିକ ମିଳିଛି ସେଗୁଡିକୁ ଠିକ୍ ଭାବରେ ତୁଲାଇଛି। ଆଉ ଏବେ ବଡ ପରଦାରେ ଏକ ବଡ ବ୍ରେକ୍ ଅପେକ୍ଷାରେ ରହିଛି। ଅପେକ୍ଷାର ଫଳ ମିଠା। ତେଣୁ ଧୈର୍ଯ୍ୟର ସହ ଅପେକ୍ଷା କରିବି।'



ଦିପ୍ତୀ

# ପୁଣି ଥରେ ଖଳନାୟକ

ଇମ୍ରାନ ହାସମୀଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଫରହାନ୍ ଅଖତରଙ୍କ ଆଗାମୀ ଫିଲ୍ମ 'ଡନ୍-୩' ଏହି ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛି। ପ୍ରଥମ କଥା ହେଲା ଏବେ ଇମ୍ରାନ ଏକାଥରେ ଦୁଇଟି ୱେବ ସିରିଜ୍ ଶୁଟିଂରେ ବ୍ୟସ୍ତ। ଅନ୍ୟପଟେ ଶୁଣିବାକୁ ମିଳୁଛି ଯେ, ଫରହାନ୍ ତାଙ୍କୁ 'ଡନ୍-୩'ର କାଷ୍ଟିଂରେ ସାମିଲ କରିଛନ୍ତି। ହେଲେ ଏଥିରେ ତାଙ୍କୁ ବ୍ୟାଡ୍ ମ୍ୟାନ୍ ଅର୍ଥାତ୍ ଖଳନାୟକ ଭାବରେ ଦେଖିବାକୁ ମିଳିବ। ବେଶ୍ କିଛି ଦିନ ନୀରବ ରହିବା ପରେ ଇମ୍ରାନ୍ ଏ ନେଇ ମୁହଁ ଖୋଲିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ବର୍ତ୍ତମାନ ଏ ବିଷୟରେ କିଛି କହିହେବ ନାହିଁ। କାରଣ ଅଫରଟି କେବଳ କଥାବାର୍ତ୍ତା ସ୍ତରରେ ଅଛି। ତେଣୁ ତାହାକୁ ଅଯଥାରେ ଲମ୍ବା କରି ବର୍ଣ୍ଣନା କରିବା ଠିକ୍ ନୁହେଁ। ଯଦି ବି ମୁଁ ଏଥିରେ ଆକ୍ଟିଂ କରିବାକୁ ରାଜି ହୁଏ ତେବେ ମୋ ପଟରୁ ମୁଁ ପ୍ରଥମେ ସମସ୍ତଙ୍କୁ ଜଣାଇ ଦେବି। ବାକି ରହିଲା ନେଗେଟିଭ ଭୂମିକା କଥା। ଯେଉଁ ଭୂମିକା ମୋତେ ମିଳେ ତାହାକୁ ମୁଁ ତୁଲାଇବାକୁ ଚେଷ୍ଟା କରିଛି। ତେଣିକି ତାହା ପଜିଟିଭ୍ ହେଉ ଅବା ନେଗେଟିଭ୍। ତେଣୁ ଧୈର୍ଯ୍ୟର ସହ ଆଉ କିଛି ଦିନ ଅପେକ୍ଷା କରିବାକୁ ହିଁ ପଡିବ।' ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିବେ ରଣବୀର ସିଂ। ଆଉ ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିବେ କିଆରା ଆଡଭାନୀ।



ଇମ୍ରାନ

ପ୍ରଥମ ରୋଜଗାର



ଲେଖିକା ତଥା ଅଧ୍ୟାପିକା **ଡ. ମମତା ସାହୁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ରୋଜଗାର ମୋ ପାଇଁ ପ୍ରାପ୍ତି ଅପେକ୍ଷା ତୃପ୍ତି ଅଧିକ

ରୋଜଗାର ଯଦି ଯଶ ହୁଏ, କୀର୍ତ୍ତି ହୁଏ, ଖ୍ୟାତି ହୁଏ ମୁଁ ଅର୍ଜିଛି ଅନେକ, ହେଲେ ଯଦି ଟଙ୍କା ହୁଏ, ସୁନା ହୁଏ ତାହା ମୁଁ ପାଇନି ଆଜିଯାଏ। ବାଲେଶ୍ୱର ଜିଲା ସମୁଦ୍ରକୂଳିଆ ବଳରାମପୁର ଗ୍ରାମର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ। ବାପା ସାଧାରଣ ଶିକ୍ଷକଟିଏ, ଆଉ ମୁଁ ଚାରି ଭାଇ ଭଉଣୀଙ୍କ ଭିତରେ ସବୁଠୁ ବଡ଼। ମୁଁ ମୋର ପ୍ରଥମ ଚାକିରି ଏକ ପ୍ରାଇଭେଟ କଲେଜରେ କରିଥିଲି। ଦରମାର ସ୍ୱଳ୍ପତା ମୋତେ ଆହୁରି ଅନୁସନ୍ଧିତ୍ସୁ କରିଦେଇଥିଲା। ମୋ ବିଷୟ 'ସମାଜବିଜ୍ଞାନ' କୁନେଇ ମୁଁ ସ୍ୱପ୍ନ ଦେଖୁଥିଲି ସିଭିଲ ସର୍ଭିସ ପାଇଁ। ତେଣୁ କେବେ ବି ଅନ୍ୟ ଚାକିରି ପାଇଁ ଇଣ୍ଟରଭ୍ୟୁ ଦେଇ ନାହିଁ। କିନ୍ତୁ ୨୦୦୩ ମସିହାରେ ଭଦ୍ରକ ଅଟୋନମସ୍ କଲେଜରେ ସମାଜ ବିଜ୍ଞାନରେ ଅତିଥି ଅଧ୍ୟାପକ ଏବଂ ଇଗ୍ନୋ ଓପନ ୟୁନିଭରସିଟିରେ କାଉନସିଲର ହିସାବରେ ଦରମା ପ୍ରାୟ ଛଅ ହଜାର ଟଙ୍କା ପାଇଥିଲି ; ଯାହାକି ଥିଲା ଆପାତତଃ ମୋର ପ୍ରଥମ ରୋଜଗାର। ସେହି ଟଙ୍କାରେ ମୁଁ ବାପାଙ୍କ ପାଇଁ ଧୋତି ଓ ଶାର୍ଟ, ବୋଉ ପାଇଁ ଶାଢ଼ି, ସାନ ଦୁଇ ଭାଇଙ୍କ ପାଇଁ ହାଫ୍ ଶାର୍ଟ ଏବଂ ଅନ୍ୟାନ୍ୟ ଜିନିଷ କିଣି ଯେତେବେଳେ ଘରେ ପହଞ୍ଚିଲି ଓ ମୋ ସମ୍ଭାର ମେଲେଇଲି, ମୋତେ ଲାଗିଲା ବାପାଙ୍କ ଆଖି କୋଣରେ ଟିକେ ଖୁସିର ଝଲକ ଖେଳିଗଲା(ଯଦିବା ସେ ପ୍ରକାଶ୍ୟରେ କହିଥିଲେ ଏତେ ଟଙ୍କା ଦେଇ ଏଗୁଡ଼ା କାହିଁକି ଆଣିଲୁ)। ତଥାପି ବାପାଙ୍କର ସେହି ଖୁସିର ଝଲକକୁ ଆଜିଯାଏ ସାଇତିଛି ନିଜ ହୃଦୟରେ। ତା' ପରଠୁ ମୋ ଦ୍ୱାରା ଯେତିକି ଦେଇହେବ ସେତିକି ଦେଇଛି ନିଜ ପରର ଊର୍ଦ୍ଧ୍ୱରେ ବିଚାରକୁ ରଖି ; କେତେବେଳେ ନିକଟ ସମ୍ପର୍କୀୟ ତ କେତେବେଳେ ଗରିବ ଛାତ୍ରୀଛାତ୍ରମାନଙ୍କୁ। ଦେବାରେ ମୋ ତୃପ୍ତି, ତେଣୁ ସୀମିତ ରୋଜଗାର ମଧ୍ୟରେ ବି ମୁଁ ଦେବାକୁ ଚାହେଁ। ତା'ପରେ କଲେଜର ଦରମା ଯେତେବେଳେ ଏରିୟର ହୋଇ ଆସିଲା ମୋ ବାହୁମାନେ ଆଉ ଟିକେ ବଳିଷ୍ଠ ହୋଇଗଲେ। ଦରମା ପାଇବାର ବର୍ଷକ ମଧ୍ୟରେ ବାପାଙ୍କୁ ମାଇଲ୍ଡ ପାରାଲିସିସ୍ ହୋଇଗଲା। ମୁଁ ବିନା ଦ୍ୱନ୍ଦ୍ୱରେ ବହନ କଲି ମେଡିକାଲ ଖର୍ଚ୍ଚ। ମୋ ଭିତରେ ଆତ୍ମବିଶ୍ୱାସର ଚେର ଆଉ ଟିକେ ଲମ୍ବିଗଲା। ସେହିପରି ସାହିତ୍ୟରେ ରୋଜଗାର କଥା ଯଦି ପଚରାଯାଏ ତା'ହେଲେ ସତ୍ୟବାଦୀରୁ ପାଇଥିଲି ୫୦୦ ଟଙ୍କା କବିତାଟିଏ ପ୍ରକାଶିତ ହେବା ପରେ। ସେ ସମୟର ସ୍ମୃତି ଅନନ୍ୟ। ମୁଁ ଜାଣି ନ ଥିଲି ଲେଖା ବାହାରିଲେ ପଇସା ମିଳେ ବୋଲି। ଏହା ଥିଲା ୨୦୧୯ ମସିହାର କଥା। ତା' ପରଠାରୁ ଲେଖା ଚାଲିଛି ଛପା ବି ଚାଲିଛି। ମୋର ପ୍ରଥମ କବିତା ସଙ୍କଳନ ଥିଲା 'ରାତି ପାହିଗଲେ'। ତା'ପରେ ଯୁକ୍ତ ତିନି ପାସ୍ ଓ ଅନର୍ସ ପିଲାଙ୍କ ପାଇଁ 'ଭାରତର ଜନଜାତି' ଶୀର୍ଷକ ଏକ ପାଠ୍ୟ ପୁସ୍ତକ ଏବଂ 'ଲମ୍ବା ରାତି' ଶୀର୍ଷକ ମୋର ଆଉ ଏକ କବିତା ସଙ୍କଳନ ବି ପ୍ରକାଶିତ ହୋଇସାରିଛି। ଯଦିଓ ଗଳ୍ପ ଲେଖାରୁ ମୋ ଲେଖକୀୟ ଜୀବନର ଆରମ୍ଭ ତଥାପି ସ୍ୱଳ୍ପ ସମୟରେ କବିତା ପ୍ରସ୍ଫୁଟିତ ହୋଇପାରେ ବୋଲି ମୁଁ ଏବେ କବିତାରେ ବଞ୍ଚିଛି। କିନ୍ତୁ ପାଠକମାନଙ୍କ ଅନୁରୋଧ କ୍ରମେ ଗଳ୍ପ ସଙ୍କଳନଟିଏ ପାଇଁ ମଧ୍ୟ ମନ ବଳାଇଛି। ୪୦୦ ପୃଷ୍ଠାର ଉପନ୍ୟାସଟିଏ ସମୟ ଓ ନିଷ୍ଠା ଅଭାବରୁ ଏ ଯାବତ ପାଣ୍ଡୁଲିପି ହୋଇ ମୋ ବହି ଥାକରେ ଝୁଲୁଛି। ଏବେ ବୃତ୍ତିଗତ ଅର୍ଗଳୀରୁ ମୁକୁଳି ଆସି ସାହିତ୍ୟର ପୁଲକରେ ପୁଲକିତ ହୋଇ କେମିତି ଆକାଶମୁହାଁ ହୋଇପାରିବି ସେହି ଚେଷ୍ଟାରେ ଅଛି। ଆଉ ଦରମା କି ରୋଜଗାର ଏ କଥାକୁ ନେଇ ଚିନ୍ତା ନାହିଁ। କାଦୁଅକୁ ସମସ୍ତେ ଏଡ଼ାଇ ଦିଅନ୍ତି। କିନ୍ତୁ ଯେ କାଦୁଅର ମହତ୍ତ୍ୱ ବୁଝେ ସେ ହିଁ ମୂର୍ତ୍ତିଟିଏ ଗଢିପାରେ। ସେଥିରେ ପ୍ରାପ୍ତି ଅପେକ୍ଷା ତୃପ୍ତି ଅଧିକ ଥାଏ, ଯାହା ମୁଁ ପାଇଛି।

# ରଙ୍ଗୀଲା ରାଧିକା ଭାରି ସିଆଣି, ଲାଜରେ ରହିଛି ପ୍ରେମ କାହାଣୀ

**ପ୍ରଶ୍ନ**–ସେହି ସୁନ୍ଦରୀର ପ୍ରଥମ ଇସାରାରେ ମୋ ମନ ଚୋରି ହୋଇଯାଇଥିଲା। ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି। ତାକୁ କେମିତି ଶାନ୍ତ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାନ୍ତୁ ?

*–ଧନଞ୍ଜୟ ମହାନ୍ତି, ପାରାଦୀପ, ଜଗତସିଂହପୁର*

**ଉତ୍ତର :** ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା। ବେଳେବେଳେ ଏହି ଅଭିମାନରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ପ୍ରିୟାର ଅଭିମାନ ଭସା ବାଦଲ ପରି। ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗୀନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇ ଦିଏ। 'ରଙ୍ଗୀଲା ରାଧିକା ଭାରି ସିଆଣି, ଲାଜରେ ରହିଛି ପ୍ରେମ କାହାଣୀ।' ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ୍ ନିଅନ୍ତୁ ନାହିଁ। ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ। ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ସେତେବେଳେ ଜଣେ ଝିଅ ମୋତେ ଏକତରଫା ପ୍ରେମ କରୁଥିଲା। ଆଉ ଏବେ ବାହା ହେବା ପରେ ପୁଣି ଥରେ ସେ ଝିଅ ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି। ମୁଁ କ'ଣ କରିବି କିଛି ଜାଣିପାରୁନାହିଁ ?

*–ଅମନ, ଖୋର୍ଦ୍ଧା*

**ଉତ୍ତର :** ବାହା ହେବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୁରାଇବା ଅର୍ଥ ଅଯଥା ଟେନସନ୍‌କୁ ହାତ ଠାରି ଡାକିବା। ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକସେସ୍‌ଫୁଲ୍ ପ୍ରେମିକ। କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ। ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ। ନ ହେଲେ ନେଡି ଗୁଡ ଯେତେବେଳେ କହୁଣୀକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ**–ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ଅଧୀର କୁମାର ପୁହାଣ, ଯାଜପୁର*

**ଉତ୍ତର :** ସେହି ଝିଅଟି ଆପଣଙ୍କୁ ଦେଖି ଲାଜ କରୁଛି। ତା' ଲାଜରେ ପ୍ରେମ ଅଛି କି ନାହିଁ ଜାଣିପାରୁନାହାନ୍ତି–ବାସ୍, ଏଇଠି ଆପଣଙ୍କର ସବୁ କଥା ଅଟକି ରହିଛି। ଥରେ ଥଣ୍ଡା ମିଜାସରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ଲୁଚି ରହିଛି। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ନ ହେଲେ ପ୍ରେମ ରାଇଜରେ ଘଡିକେ ଘୋଡା ଛୁଟିଥାଏ। ହୁଏତ ଆଜିର ପାଣିପାଗ କାଲି ଯେ ଆପଣଙ୍କୁ ସପୋର୍ଟ କରିବ ଆଉ ଆପଣ ସେ ମନର ମାନସୀ ହୃଦୟରେ ତାଜମହଲଟିଏ ଗଢ଼ିବେ–ଏହି ଆଶା କେବଳ ଆଶା ହୋଇ ରହିଯିବ। ତେଣୁ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗନାଲ୍ ମିଳିଲା ତେବେ ତେଣିକି ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ। ନ ହେଲେ ଚାନ୍ସଟା ହାତରୁ ଖସିଯାଇପାରେ।

**ପ୍ରଶ୍ନ**–ଏବେ ମୁଁ ଜଣେ ଝିଅ ପ୍ରେମରେ ପଡିଯାଇଛି। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। କ'ଣ କରିବି ?

*–ତପନ କୁମାର ସାହୁ, ରାଉରକେଲା*

**ଉତ୍ତର :** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ତାକୁ ଭୁଲିବା ଏତେ ସହଜ ନୁହେଁ। ହେଲେ ଉଲ୍ଲେଖ କରିଛନ୍ତି ଯେ, ଏବେ ଆଉ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଇଛନ୍ତି। ଏବେ ଯଦି ନିଜ ପ୍ରଥମ ପ୍ରେମ ବିଷୟରେ ଭାବିବେ ତେବେ ବର୍ତ୍ତମାନର ପ୍ରେମ ସେହି ଅନୁସାରେ ପାଣିଚିଆ ଲାଗିବ। ଯୋ ଗୟା ଉସ୍‌କୋ ସୋଚ୍‌ନେ ସେ କୋଇ ଫାଇଦା ନେହିଁ। ତେଣୁ ଏବେ କେବଳ ନୂଆ ପ୍ରେମିକା ବିଷୟରେ ଚିନ୍ତା କରନ୍ତୁ। ଦେଖିବେ ଜୀବନଟା ଖୁବ୍ ରଙ୍ଗୀନ ଲାଗିବ।

ସାଥୀ



# ଅନନ୍ୟା ଅର୍ପିତା



**ପର୍ବତାରୋହଣ ହେଉ କି ପାହାଡ଼ରେ ସାଇକେଲ ଚଲାଇବା ଅବା ସମୁଦ୍ରରେ ସ୍କୁବା ଡାଇଭିଂ, ସର୍ଫିଙ୍ଗ ସହ ପହଁରିବା ସବୁଥିରେ ପାରଙ୍ଗମ ଅର୍ପିତା ମହାପାତ୍ର ।**

ଦୁଃସାହସିକ କ୍ରୀଡ଼ାରେ ପାଦେ ପାଦେ ଥାଏ ବିପଦ । ଆଉ ସେଇ ବିପଦସବୁକୁ ଆଡ଼େଇ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି କ୍ରୀଡ଼ାବିତ୍‌ଙ୍କୁ ଆଗକୁ ମାଡ଼ିଚାଲିବାକୁ ହୁଏ । ସେମିତି ଜଣେ ଦୁଃସାହସିକ କ୍ରୀଡାବିତ୍ ହେଉଛନ୍ତି **ଅର୍ପିତା ମହାପାତ୍ର** । ପର୍ବତାରୋହଣ ହେଉ କି ପାହାଡ଼ରେ ସାଇକେଲ ଚଲାଇବା କିମ୍ବା ସମୁଦ୍ରରେ ସ୍କୁବାଡାଇଭିଂ, ସର୍ଫିଙ୍ଗ ଓ ପହଁରା ସବୁଥିରେ ସେ ପାରଙ୍ଗମ ।

ଦିନେ ଗାଁ ନଈରେ ପହଁରୁଥିବା ସେଇ ଛୋଟ ଝିଅଟି ସମୟକ୍ରମେ ନିଜର ଦୃଢ଼ ଇଚ୍ଛାଶକ୍ତି ଏବଂ ଅଧ୍ୟବସାୟ ବଳରେ ବିଭିନ୍ନ ଦୁଃସାହସିକ କ୍ରୀଡ଼ାରେ ଭାଗନେଇ ଜଣେ ସଫଳ କ୍ରୀଡ଼ାବିତ୍ ତଥା କୋଚ୍ ଭାବେ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି । ଏବେ ସେ ସ୍ପେଶାଲ ଅଲିମ୍ପିକ ଭାରତ-ଓଡ଼ିଶାର କୋଅର୍ଡିନେଟରର କାର୍ଯ୍ୟ ତୁଲାଉଛନ୍ତି । ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର । ଅର୍ପିତା କୁହନ୍ତି, 'ଆମ ଘର ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତର୍ଗତ ଅମରିଆ ଗାଁରେ । ମୋ ବାପା ଗଙ୍ଗାଧର ମହାପାତ୍ର ଥିଲେ ଜଣେ ସାଧାରଣ କୃଷକ, ମା' ମାଳତୀ ମହାପାତ୍ର ଗୃହିଣୀ । ଆମେ ୬ ଭଉଣୀ ଓ ୨ଭାଇ । ବାପାଙ୍କର ଯାହାକିଛି ରୋଜଗାର ହେଉଥିଲା, ସେଥିରେ ଭାରିକଷ୍ଟରେ ପରିବାର ଚଳେ । ଆମ ଗାଁ ଦେଇ ବହିଯାଇଥିବା କାଂସବାଂଶ ନଦୀରେ ପିଲାଦିନେ ଆମେ ଭଉଣୀଭାଇ ବାପାଙ୍କ ସହିତ ଗାଧୋଇବାକୁ ଯାଉଥିଲୁ । ସମୟକ୍ରମେ ସେଇ ନଦୀରେ ପହଁରିବା ଆରମ୍ଭ କରିଥିଲି । ନିଛାଟିଆ ବେଳେ ନଈରେ ପହଁରୁଥିବାରୁ ଘରେ ଅନେକଥର ବିରକ୍ତ ହୋଇଛନ୍ତି । ଗାଁ ହାଇସ୍କୁଲରେ ପଢୁଥିବା ସମୟରେ ଲମ୍ବଡ଼ିଆଁ, ଉଚ୍ଚଡ଼ିଆଁ, ଜାଭଲିନ ଥ୍ରୋ ଆଦି ଖେଳ ପ୍ରତି ମୋର ରୁଚିଥାଏ । ଥରେ ଖଇରା ବ୍ଲକ ଅଧୀନ ହାଇସ୍କୁଲସ୍ତରୀୟ ବିଭିନ୍ନ କ୍ରୀଡ଼ା ଓ ଡିବେଟ ପ୍ରତିଯୋଗିତା ହେଉଥିଲା । ଏଥିରେ ଯୋଗ ଦେବାପାଇଁ ମନବଳାଇଥିଲି । ସେଥିପାଇଁ ବୋଉକୁ ୫ଟଙ୍କା ମାଗିଥିଲି ମାତ୍ର ସେ ରୋକ୍‌ଠୋକ୍ ମନାକରିଦେଲା । ଘରେରଖି କବାଟ ବନ୍ଦ କରିଦେଇଥିଲା । ମୁଁ କାନ୍ଦିବାରୁ ସେ ବିରକ୍ତହୋଇ କହିଥିଲା 'ତୁ..ଯା, ତୋ ଇଚ୍ଛା ଯାହା ହେଉଛି କର' । ତା' ପରେ ଚିନ୍ତାକଲି । ପାଖରେ ପଇସା ନ ଥିବାରୁ ବାପାଙ୍କ ସାଇକେଲ ନେଇ ସେହି ପ୍ରତିଯୋଗିତା ସ୍ଥାନକୁ ଯାଇ ଡିବେଟ୍‌ରେ ଭାଗ ନେଇ ଦ୍ୱିତୀୟ ହେଲି । ପୁରସ୍କାର ଧରି ଘରେ ପହଞ୍ଚିଲା ବେଳକୁ ରାତି ପ୍ରାୟ ୮ଟା । ସେତେବେଳେ ଗାଁ ବାଘୁଆ ସ୍କୁଲରେ ପାଠପଢ଼ା ସହିତ ଖେଳ ଅଭ୍ୟାସ ଥିଲା । କେନ୍ଦୁଝରର ଜଙ୍ଗିରା କଲେଜରେ ଯୁକ୍ତ ୨ ଏବଂ ଶୁଆକାଟିରେ ଯୁକ୍ତ ୩ ପଢ଼ିଲି । ୨୦୨୦ମସିହାରେ ଝିଅମାନଙ୍କୁ ଫୁଟବଲ ଖେଳିବା ପାଇଁ ସେତେବେଳେ ଗାଁରେ ଘରଘର ବୁଲି ଡାକିଥିଲି । ୨ବର୍ଷଧରି ଫୁଟବଲ ଖେଳିଲି । ଜିଲା ଓ ରାଜ୍ୟସ୍ତରରେ ପୁରସ୍କୃତ ହେଲି । ଏଥିରେ ବୀରେନ୍ ସାର୍ ମୋତେ ଉତ୍ସାହିତ କରିଥିଲେ । ମୋର ଇଚ୍ଛାଥିଲା ଜଣେ ଭଲ ପହଁରାଳି ହୁଅନ୍ତି । ସେଥିପାଇଁ ହିମାଚଳପ୍ରଦେଶ ଯାଇ ୱାଟରସ୍ପୋର୍ଟ୍ସରେ କୋର୍ସ କଲି । ସ୍କୁବାଡାଇଭିଂ, ସର୍ଫିଙ୍ଗ ପ୍ରତିଯୋଗିତାରେ ଏକାଧିକ ଥର ଭାଗନେଇ ପୁରସ୍କୃତ ହୋଇଛି । ୨୦୦୫ରୁ ଭୁବନେଶ୍ୱର ଆସି ଏଠାରେ ବିଭିନ୍ନ କ୍ରୀଡ଼ା ଉପରେ ତାଲିମ ନେଲି । ସୁଶାନ୍ତ ଦାସଙ୍କ ଦୁଃସାହସିକ କ୍ରୀଡ଼ାକଥା ଶୁଣି ପାହାଡ଼ଚଢ଼ାରେ ମନବଳାଇଥିଲି । ପରେ ସେଥିପାଇଁ କୋର୍ସ କଲି ଏବଂ ସମୟକ୍ରମେ ୮ଟି ପର୍ବତାରୋହଣ କଲି । ୨୦୧୫ରେ ଭାରତ ପାଇଁ ବିଦେଶରେ ସୁଇମିଙ୍ଗ କରି ସଫଳତା ପାଇଥିଲି । ସେହିପରି ମାଉଣ୍ଟେନ ସାଇକେଲିଂ କ୍ରୀଡାରେ ପାହାଡ଼ରେ ପ୍ରାୟ ୬୦୦କିମି ଦୂର କୁଲୁରୁ -ଖରଦୁମୁଲା ଯାଏ ୧୮୩୮୦ ଫୁଟ ଉଚ୍ଚକୁ ଯାଇ ଲିମ୍‌କା ବୁକ୍ ଅଫ ରେକର୍ଡ ହାସଲ କରିଛି । ସମୟକ୍ରମେ ଫିଜିକାଲ ସ୍ପୋର୍ଟ୍ସରେ ମାଷ୍ଟରଡିଗ୍ରୀ ସାରିଲି । ଏବେ ବିଆର୍‌ଏମ୍ ଆଶା ନାମରେ ଏକ ଅନୁଷ୍ଠାନ ଗଢିଛି । ଏଥିରେ ବିଭିନ୍ନ ବର୍ଗର ପିଲାମାନଙ୍କୁ ଖେଳ ପାଇଁ ଟ୍ରେନିଂ ଦେଉଛି । ଥରେ କଳିଙ୍ଗ ଷ୍ଟାଡିୟମରେ କେତେକ ପିଲାଙ୍କୁ ଖେଳଟ୍ରେନିଂ ଦେଉଥିବା ଅବସରରେ ସେତେବେଳେ ଭିନ୍ନକ୍ଷମ କମିଶନର କସ୍ତୁରୀ ମହାପାତ୍ରଙ୍କ ସହିତ ଦେଖା ହୋଇଥିଲା । ସେବେଠାରୁ ତାଙ୍କ ଓପନଲର୍ନିଂ ସ୍କୁଲର ପିଲାମାନଙ୍କୁ ଟ୍ରେନିଂ ଦେବାପାଇଁ ସେ ବ୍ୟବସ୍ଥା କରିଛନ୍ତି । ଏଠାରେ ଭିନ୍ନକ୍ଷମ ପିଲାଙ୍କୁ ଖେଳଟ୍ରେନିଂଦେଇ ଖୁସି ପାଉଛି । ପ୍ରାୟ ୨୩ବର୍ଷଧରି ଏମିତି ବିଭିନ୍ନ କ୍ରୀଡ଼ାରେ ସାମିଲ ହୋଇଥିବା ବେଳେ ଗେମ୍‌ଚେଞ୍ଜରଭାବେ ପ୍ରାୟ୨ଶହଟି ଦେଶରେ ମୋର ନାମ ସ୍ଥାନ ପାଇଛି । ଏହା ମୋତେ ଭିନ୍ନ ପରିଚୟ ଦେଇପାରିଛି । ୨୦୧୦ରେ ଦୂରଦର୍ଶନ ତରଫରୁ ବିଶ୍ୱ ମହିଳା ଦିବସ ଉପଲକ୍ଷେ ମୋତେ ପୁରସ୍କାର ମିଳିଛି । ସେହିପରି ଆରିୟା ଅନୁଷ୍ଠାନ ଆଦି ଏକାଧିକ ସଂସ୍ଥାରୁ ପୁରସ୍କାର ଓ ସମ୍ମାନ ମିଳିଛି । ଯାହା ମୋତେ ଆଗକୁ ବଢିବାରେ ବେଶ୍ ସହାୟକ ହୋଇଛି ।









**-ବନବିହାରୀ ବେହେରା**



ପ୍ରଜ୍ୟୋତି

ହାଃ ହାଃ

## ଗର୍ବ

ପପୁ ମୁନାକୁ: ଆଜି ପରୀକ୍ଷା ଦେବା ସମୟରେ ମତେ ଭାରି ଗର୍ବ ଅନୁଭବ ହେଲା।
ମୁନା: କାହିଁ ? ତତେ ସବୁ ଆସୁଥିଲା କି?
ପପୁ: ନା, କିଛି ଆସୁ ନ ଥିଲା। ହେଲେ ପରୀକ୍ଷା ହଲ୍‌ରେ ଥିବା ସାର୍ ମତେ କହିଲେ ସିଧା ବସିକି ଲେଖେ। ପଛ ପିଲା ତୋ'ଠୁ କପି କରିବାକୁ ଚାହୁଁଛି।

## ଚୁଟି

ପଡ଼ୋଶୀ ଘର ମହିଳା ଚିଣ୍ଟୁକୁ: ତୋର କେତେ ସୁନ୍ଦର ଚୁଟି। ଏଇ ଚୁଟି ତୋ ବାପାଙ୍କଠୁ ଆସିଛି ନା ମାମାଙ୍କଠୁ?
ଚିଣ୍ଟୁ କିଛି ଭାବିବା ପରେ: ମତେ ଲାଗୁଛି ବାପାଙ୍କଠୁ ଆସିଛି।
ମହିଳା: ଏମିତି କାହିଁକି ଲାଗୁଛି ?
ଚିଣ୍ଟୁ: କାହିଁକି ନା ମାମାର ତ ସବୁ ଚୁଟି ଅଛି। ହେଲେ ବାପାଙ୍କର ନାହିଁ। ବୋଧେ ତାଙ୍କ ଚୁଟି ମୋ ପାଖକୁ ପଳେଇ ଆସିଛି।

## ଫରକ୍

ମୋହନ ସମିତକୁ: କହିଲୁ ଦେଖି ମା' ଓ ସ୍ତ୍ରୀ ଭିତରେ ତଫାତ୍ କ'ଣ ?
ସମିତ: ମା' କଥା କହିବା ଶିଖାଏ। ଆଉ ସ୍ତ୍ରୀ ଚୁପ୍ ରହିବା ଶିଖାଏ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# କାଶୀ ବିଶ୍ୱନାଥ ମନ୍ଦିର

ହିନ୍ଦୁ ଧର୍ମୀୟ ଭାବନାରେ ବାରାଣସୀ ପୃଥିବୀର ସବୁଠାରୁ ପୁଣ୍ୟତମ ସ୍ଥାନ; ଯାହା କାଶୀ ନାମରେ ବି ପରିଚିତ। ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର ପୁରାଣ ବର୍ଣ୍ଣିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗମାନଙ୍କ ମଧ୍ୟରେ ଅନ୍ୟତମ। ପୁଣ୍ୟଭୂମି ଉତ୍ତରପ୍ରଦେଶର ଗଙ୍ଗା ନଦୀ ତଟରେ ଅବସ୍ଥିତ ଏହି ମନ୍ଦିରଟି ସାରା ବିଶ୍ୱର ପର୍ଯ୍ୟଟକଙ୍କ ପାଇଁ ଅତୀବ ପବିତ୍ର ଏବଂ ଆକର୍ଷଣୀୟ ସ୍ଥାନ।



### ମନ୍ଦିର ସମ୍ପର୍କରେ କିମ୍ବଦନ୍ତୀ

ଶିବ ପୁରାଣରେ ବର୍ଣ୍ଣିତ ଅଛି ଯେ ଥରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ମଧ୍ୟରେ କିଏ ବଡ଼ ବୋଲି ଦ୍ୱନ୍ଦ୍ୱ ଉପୁଜିଲାରୁ ମହାଦେବ ନିଜକୁ ସ୍ତମ୍ଭ ଆକୃତିର ଆଲୋକ ରଶ୍ମିଟିଏ କରି ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁରକୁ ବ୍ୟାପ୍ତ ହୋଇଗଲେ ଏବଂ ତାଙ୍କର ଆଦି ଅନ୍ତ କେଉଁଠି ଖୋଜିବା ପାଇଁ ବ୍ରହ୍ମା, ବିଷ୍ଣୁଙ୍କୁ ଆହ୍ୱାନ କଲେ। ବିଷ୍ଣୁ ଏକ ବରାହ ରୂପ ଧରି ନିଜର ତୀକ୍ଷ୍ଣ ଶିଙ୍ଗରେ ଭୂମିକୁ ଖନନ କରି କରି ଶେଷରେ ମହେଶ୍ୱରଙ୍କ ଆଦି ଅନ୍ତ ନ ପାଇ ନିଜର ପରାଜୟ ସ୍ୱୀକାର କରିନେଲେ। ବ୍ରହ୍ମା ଏକ ହଂସ ରୂପରେ ପୃଥିବୀରୁ ସ୍ୱର୍ଗ ଯାଏଁ ମହେଶ୍ୱରଙ୍କ ସେହି ଆଲୋକ ରଶ୍ମିର ଶୀର୍ଷଭାଗ ଖୋଜିବା ପାଇଁ ଉଡ଼ିଗଲେ। କେଉଁଠି କିଛି ଠାବ ନ ପାଇ ଅଧାବାଟରୁ ଫେରିଆସି ମିଛରେ କହିଲେ କି ସେ ମହାଦେବଙ୍କ ଶୀର୍ଷଦେଶ ଦର୍ଶନ କରି ଫେରିଛନ୍ତି। ବ୍ରହ୍ମାଙ୍କର ମିଥ୍ୟାଳାପରେ କ୍ରୋଧିତ ହୋଇ ଦେବ ଦେବ ମହାଦେବ ତାଙ୍କର ପଞ୍ଚମ ଶିରକୁ ତ୍ରିଶୂଳରେ ଛେଦନ କରିଦେଲେ ଏବଂ ତାଙ୍କୁ ସବୁ ଯୁଗରେ ପୃଥିବୀରେ ଅପୂଜା ରହିବା ଲାଗି ଅଭିଶାପ ଦେଲେ। ସେହି ଦିନଠାରୁ ବ୍ରହ୍ମାଙ୍କର ଚାରୋଟି ମୁଖ ରହିଛି ଏବଂ ସେ ସଦାକାଳେ ଅପୂଜା ରହିଛନ୍ତି। ବିଷ୍ଣୁ ନିଜର ବିନମ୍ର ଭାବ ଯୋଗୁ ମହେଶ୍ୱରଙ୍କର ଅତି ପ୍ରିୟ ହୋଇଛନ୍ତି ଏବଂ ନିଜେ ମହାଦେବ ତାଙ୍କର ଜ୍ୟୋତିର୍ଲିଙ୍ଗ ସ୍ୱରୂପରେ ସାରା ସଂସାରରେ ପୂଜା ପାଉଛନ୍ତି। ଶୈବ ଧର୍ମାବଲମ୍ବୀମାନଙ୍କ ପାଇଁ କାଶୀ ବିଶ୍ୱନାଥ ସର୍ବଶ୍ରେଷ୍ଠ ତୀର୍ଥସ୍ଥଳୀ।




### ମନ୍ଦିରକୁ ନେଇ ଇତିହାସ

ଐତିହାସିକ ତଥ୍ୟ ଅନୁସାରେ, ଏହି ମନ୍ଦିରଟି ପ୍ରଥମେ ସମ୍ରାଟ୍ ବିକ୍ରମାଦିତ୍ୟଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଅନେକବାର ବାହ୍ୟ ଶତ୍ରୁମାନଙ୍କ ଆକ୍ରମଣରେ ଏହା ଧ୍ୱସ୍ତବିଧ୍ୱସ୍ତ ହୋଇଛି ଏବଂ ପରବର୍ତ୍ତୀ ସମୟରେ ଏହାର ପୁନଃ ନିର୍ମାଣ କରାଯାଇଛି। ଶେଷଥର ପାଇଁ ମୋଗଲ ସମ୍ରାଟ୍ ଔରଙ୍ଗଜେବ ଏହାକୁ ଆକ୍ରମଣ କରି ଧ୍ୱଂସ କରିବା ସହ ସେଠାରେ ଅବସ୍ଥିତ ଜ୍ଞାନବ୍ୟାପି (ବାମ୍ପି) ଉପରେ ଜ୍ଞାନବ୍ୟାପି ମସ୍‌ଜିଦ୍ ତିଆରି କରିଥିଲେ; ଯାହା ବର୍ତ୍ତମାନ ସୁଦ୍ଧା ଏକ ବିବାଦୀୟ ସ୍ଥଳରୂପେ ପରିଗଣିତ ହେଉଛି। ବର୍ତ୍ତମାନ ଦୃଶ୍ୟମାନ ହେଉଥିବା ମନ୍ଦିରଟି ମରାଠାର ରାଣୀ ଅହଲ୍ୟାବାଈ ହୋଲକାରଙ୍କ ଦ୍ୱାରା ୧୭୮୦ ମସିହାରେ ନିର୍ମିତ ହୋଇଥିଲା। ୧୮୩୫ ମସିହାରେ ରାଜା ରଣଜିତ୍ ସିଂହ ଏହି ମନ୍ଦିରକୁ ସ୍ୱର୍ଣ୍ଣ ଆଚ୍ଛାଦିତ କରିବା ପାଇଁ ପ୍ରାୟ ୧ଟନ୍ ସ୍ୱର୍ଣ୍ଣ ଦାନ କରିଥିଲେ। ପରବର୍ତ୍ତୀ ସମୟରେ ନାଗପୁରର ସମ୍ରାଟ ରଘୁଜି ଭୋନ୍ସଲେ ତୃତୀୟ ମଧ୍ୟ କିଛି ରୌପ୍ୟ ଏହି ମନ୍ଦିରକୁ ଦାନ କରିଥିବାର ସୂଚନା ରହିଛି। କିନ୍ତୁ ଏହି ସ୍ୱର୍ଣ୍ଣ ଓ ରୌପ୍ୟ ହିଁ ପରେ କିଛି ବିଦେଶୀ ଶତ୍ରୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଆଉ ସେମାନେ ଏହାକୁ ଲୁଣ୍ଠନ କରିବାକୁ ଚେଷ୍ଟା କରିଥିଲେ। ଏବେ ବି ଅନେକ ଭକ୍ତ ଏହି ମନ୍ଦିରରେ ସୁନା ରୁପା ଦାନ କରୁଥିବାର ନଜିର ଦେଖିବାକୁ ମିଳୁଛି। ବର୍ତ୍ତମାନ ଏହି ମନ୍ଦିରଟି ସ୍ଥାନୀୟ ରାଜ୍ୟ ସରକାରଙ୍କ ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚାଳିତ ହେଉଅଛି।



### ମନ୍ଦିରର ଗଠନଶୈଳୀ

ପ୍ରାୟ ୭୭ ମିଟର ଉଚ୍ଚର ଏହି ମୁଖ୍ୟ ମନ୍ଦିରଟି ତିନିଭାଗରେ ବିଭକ୍ତ। ତିନୋଟିଯାକ ଶିଖର ସ୍ୱର୍ଣ୍ଣ ଆଚ୍ଛାଦିତ। ପ୍ରଥମ ଗମ୍ବୁଜଟି ସଭାଗୃହ, ଦ୍ୱିତୀୟ ଗମ୍ବୁଜଟି ପ୍ରାର୍ଥନାସ୍ଥଳ ଏବଂ ତୃତୀୟ ଗମ୍ବୁଜଟି ଦେବ ଆସ୍ଥାନ। ଏହାର ଶିଖରରେ ସ୍ଥାପିତ ସ୍ୱର୍ଣ୍ଣ କଳସ ଉପରେ ମନ୍ଦିର ଧ୍ୱଜା ଉଡୁଛି। ମୁଖ୍ୟ ମନ୍ଦିରରେ ପୂଜାପାଉଥିବା ଗାଢ଼ ବାଦାମୀ ରଙ୍ଗର ଶିବ ଲିଙ୍ଗଙ୍କର ଉଚ୍ଚତା ପ୍ରାୟ ୬୦ ସେ.ମି. ଏବଂ ଗୋଲେଇ ପ୍ରାୟ ୯୦ ସେ.ମି.। ମନ୍ଦିରର ଆକାର ଚତୁଃଷ୍କୋଣୀୟ ଏବଂ ତହିଁରେ କାଳ ଭୈରବ, ଅମୃତେଶ୍ୱର, ଗଣେଶ, କାର୍ତ୍ତିକେୟ, ବିଷ୍ଣୁ , ଶିବ, ପାର୍ବତୀ, ଶନି ଇତ୍ୟାଦି ଦେବଦେବୀଙ୍କ ଛୋଟ ଛୋଟ ମନ୍ଦିର ରହିଛି। ବର୍ତ୍ତମାନର ମନ୍ଦିରର ଭିତର ପଟଟି ସମ୍ପୂର୍ଣ୍ଣ ରୂପେ ମାର୍ବଲ ପଥରରେ ଆଚ୍ଛାଦିତ। ସେଥିରେ ଭଗବତ୍ ଗୀତା ଏବଂ ପୁରାଣବର୍ଣ୍ଣିତ ଅନେକ ଘଟଣାବଳୀର ଚିତ୍ର ଅଙ୍କିତ ହୋଇଛି। ମନ୍ଦିର ପରିସରରେ କାଶୀ ବିଶ୍ୱନାଥଙ୍କ ସହିତ ନଟରାଜ, ପଞ୍ଚମୁଖୀ ମହାଦେବ, ହନୁମାନ, ଗଣେଶ, ନନ୍ଦୀ, ସରସ୍ୱତୀ ଏବଂ ଆହୁରି ଅନେକ ଦେବଦେବୀଙ୍କ ମନ୍ଦିର ରହିଛି, ସେଥିପାଇଁ ଏହା ବିଶ୍ୱନାଥ ଗଳି ନାମରେ ପ୍ରସିଦ୍ଧ। ମନ୍ଦିରଟି ମୁଖ୍ୟତଃ ଶିବଙ୍କର ହୋଇଥିଲେ ମଧ୍ୟ ଏହି ସମସ୍ତ ଦେବଦେବୀଙ୍କର ଉପସ୍ଥିତି ଏହି କ୍ଷେତ୍ରର ମହତ୍ତ୍ୱ ବୃଦ୍ଧି କରିଥାଏ। ମନ୍ଦିରର ସୁରକ୍ଷା ପାଇଁ ଏଠାରେ ସିସି ଟିଭି ଏବଂ ଭକ୍ତମାନଙ୍କ ସହଜ ଦର୍ଶନ ଲାଗି ଏଲ୍‌ଇଡି ଓ ଟିଭି ପରଦାର ବ୍ୟବସ୍ଥା ରହିଛି। ମନ୍ଦିର ଭିତରେ ଯେଉଁଠି ଥିଲେ ମଧ୍ୟ ଠାକୁରଙ୍କୁ ସହଜରେ ସ୍ପଷ୍ଟ ଭାବେ ଦେଖିହୁଏ। ଭକ୍ତମାନଙ୍କ ଦର୍ଶନ ଏବଂ ପୂଜା କରିବା ମଧ୍ୟ ସୁବ୍ୟବସ୍ଥିତ। ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ ହୋଇଥିଲା କାଶୀ କରିଡର ଯୋଜନା। ଏଥିରେ କାଶୀ ବିଶ୍ୱନାଥ ମନ୍ଦିରର ଚତୁଃପାର୍ଶ୍ୱରେ ୫୦ ମାଇଲ୍ ବ୍ୟାପୀ ବିସ୍ତୃତ ସ୍ଥାନକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରି ଅନେକ ଉନ୍ନତୀକରଣ କରାଯାଇଛି। ଅଧୁନା ଏହା ଏକ ବିଶ୍ୱ ଐତିହ୍ୟସ୍ଥଳୀ ରୂପେ ମାନ୍ୟତାପ୍ରାପ୍ତ। ୨୦୨୨ ମସିହାରେ ଠାକୁରଙ୍କ ଆସ୍ଥାନକୁ ସମ୍ପୂର୍ଣ୍ଣ ସୁନାରେ ଛାଉଣି କରାଯାଇଛି। ପ୍ରତିଦିନ ଠାକୁରଙ୍କ ଉପରେ ଚଢ଼ାଯାଉଥିବା ଅସଂଖ୍ୟ ଫୁଲର ବର୍ଜ୍ୟକୁ ସଂଗ୍ରହ କରାଯାଇ ସୁଗନ୍ଧି ଧୂପ ତିଆରି କରାଯାଉଛି। ତେବେ ପଞ୍ଚକୋଶୀରେ ଶ୍ରେଷ୍ଠ ବୋଲାଉଥିବା ଏହି ବିଶ୍ୱନାଥଙ୍କ ଇଲାକାରେ ରହିଛି ପୁଣ୍ୟତୋୟା ଗଙ୍ଗାନଦୀର ମଣିକର୍ଣ୍ଣିକା ଘାଟ। ଏଠାରେ ଶବ ଦାହକଲେ ପୁନର୍ଜନ୍ମ ହୁଏନାହିଁ ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ରହିଛି। ଏହି ମଣିକର୍ଣ୍ଣିକା ଘାଟରେ ପୂର୍ବପୁରୁଷଙ୍କ ସଂସ୍କାର ଏବଂ ଅସ୍ଥି ବିସର୍ଜନ ପାଇଁ ବର୍ଷସାରା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।



### କେମିତି ଯିବେ

ଏହି ପବିତ୍ରସ୍ଥଳକୁ ଗମନାଗମନର ସମସ୍ତ ସୁବିଧା ରହିଛି। ଏହାର ନିକଟତମ ରେଲଷ୍ଟେସନ ହେଉଛି ବାରାଣସୀ ଜଙ୍କସନ୍ ଷ୍ଟେସନ; ଯାହା ମାତ୍ର ୪ କି.ମି. ଦୂରରେ ଅବସ୍ଥିତ। ସେଠାରେ ସମସ୍ତ ପ୍ରକାର ଯାନବାହନ ମିଳିଥାଏ ମନ୍ଦିର ନିକଟକୁ ଯିବାକୁ। ଅନ୍ୟପକ୍ଷେ ଏହାର ନିକଟରେ ଲାଲ୍ ବାହାଦୁର ଶାସ୍ତ୍ରୀ ବିମାନବନ୍ଦର ରହିଛି; ଯାହା ମାତ୍ର ୨୫ କି.ମି. ଦୂରତାରେ ଅବସ୍ଥିତ। ସେଥିପାଇଁ ଏଠାରେ ଦିନକୁ ହାରାହାରି ତିନି ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ନାଗ ପଞ୍ଚମୀ, ମହାଶିବରାତ୍ରି, ଶ୍ରାବଣ ମାସ ଇତ୍ୟାଦି ବିଶେଷ ଦିନଗୁଡ଼ିକରେ ଭକ୍ତମାନଙ୍କ ସଂଖ୍ୟା ଆହୁରି ଅଧିକ ହୋଇଥାଏ।

-ସୁଷମା ପରିଜା
ଶାରଳା ଭବନ,
ପୋତାପୋଖରୀ, କଟକ
ମୋ: ୯୩୩୭୨୭୨୬୪୭



# ଲୁହ ପଛର କଥା




**ମଣିଷ ଶରୀର ଏକ ରହସ୍ୟର ଗନ୍ତାଘର। ଏଥିରେ ଏମିତି ଅନେକ କିଛି ଘଟିଥାଏ ଯାହା ବେଶ୍ ବିସ୍ମୟକର ଲାଗେ। ଏଇ ଯେମିତି ଆମେ କାନ୍ଦିଲେ ଆଖିରୁ ଲୁହ ବୋହିଥାଏ। ଖାଲି ଦୁଃଖରେ ନୁହେଁ ମଣିଷ ଅଧିକ ଖୁସିରେ, ଅଧିକ ରାଗିଗଲେ ବି ଆଖିରୁ ଆପେ ଲୁହ ଝରିଯାଏ। ହେଲେ କେବେ ଭାବିଛନ୍ତି ଏହାର କାରଣ କ'ଣ? ଜାଣନ୍ତୁ ସେ ସମ୍ପର୍କରେ...**

**ଆ**ଖିରୁ ଲୁହ ବୋହିବା ପଛରେ ବିଜ୍ଞାନ ଜଡ଼ିତ ଅଛି। କେବଳ ଯେ ଦୁଃଖ ଆସିଲେ ଅବା ଅତ୍ୟଧିକ ଖୁସି ହେଲେ ଆଖିରୁ ଲୁହ ଝରେ ତାହା ନୁହେଁ। କିଛି ସ୍ୱତନ୍ତ୍ର ଗନ୍ଧ ଦ୍ୱାରା ବି ଆଖିରୁ ଲୁହ ଝରିଥାଏ। ଯେମିତିକି ପିଆଜ କାଟିଲେ ଲୁହ ବୋହେ। ଏଇ ଲୁହରେ ଥିବା ପ୍ରପର୍ଟି ଦୁଃଖ ଓ ଖୁସି ସମୟରେ ବୋହୁଥିବା ଲୁହର ପ୍ରପର୍ଟି ସହ ସମାନ। ଲୁହକୁ ବୈଜ୍ଞାନିକମାନେ ୩ ବିଭାଗରେ ବିଭକ୍ତ କରିଛନ୍ତି। ଯେମିତିକି ପ୍ରଥମ ହେଉଛି 'ବେସଲ ଲୁହ'।  ଏହା ନନ୍ ଇମୋଶନାଲ ବା ଭାବବିହୀନ ଲୁହ। ଏହା ଆଖିକୁ ଶୁଷ୍କ ହେବାରୁ ରକ୍ଷା କରେ ଓ ସୁସ୍ଥ ରଖେ। ଏଥିରେ ୯୮% ପାଣି ଥାଏ। ଏହା ଆଖିକୁ ଲୁବ୍ରିକେଟ କରେ ଓ ସଂକ୍ରମଣରୁ ବଞ୍ଚାଏ। ଦ୍ୱିତୀୟ ପ୍ରକାରର ଲୁହ ବି ନନ୍ ଇମୋଶନାଲ ଲୁହ, ଯାହା କିଛି ଗନ୍ଧର ପ୍ରତିକ୍ରିୟାରେ ବୋହିଥାଏ। ଯେମିତିକି ପିଆଜ କାଟିବା ଅବା ବ୍ଲିଚିଂ, ଫିନାଇଲ ପରି ତୀବ୍ର ଗନ୍ଧ ଯୋଗୁ ଲୁହ ବହେ। ତୃତୀୟ ପ୍ରକାରର ଲୁହ ହେଉଛି 'କ୍ରାଇଂ ଲୁହ'। ଏହା ଭାବନାତ୍ମକ ପ୍ରତିକ୍ରିୟା ଯୋଗୁ ଆସିଥାଏ। ଆମ ମସ୍ତିଷ୍କରେ ଏକ ଲିମ୍ବିକ ସିଷ୍ଟମ ଥାଏ। ଏ ହେଉଛି ସେହି ଭାଗ ଯେଉଁଥିରେ ମସ୍ତିଷ୍କର ହାଇପୋଥେଲମସ୍ ଥାଏ। ଏହା ଆମର ନର୍ଭ ସିଷ୍ଟମ ସହିତ ସିଧାସଳଖ ଜଡିତ ଥାଏ। ଏହି ସିଷ୍ଟମକୁ ନ୍ୟୁରୋଟ୍ରାନ୍ସମିଟର ସଙ୍କେତ ଦିଏ ଏବଂ କୌଣସି ଭାବନା ଚରମକୁ ପହଞ୍ଚିଗଲେ ଆମେ କାନ୍ଦିଥାଉ। ଏହି କାରଣରୁ ମଣିଷ ଦୁଃଖ ବ୍ୟତିତ ଅନେକ ସମୟରେ ଅତ୍ୟଧିକ ଡରିଗଲେ ଓ ରାଗିଲେ ବି କାନ୍ଦିଥାଏ। ତେବେ ଭାବ ନ ଥିବା ଲୁହକୁ ଭିନ୍ନ ଏକ ବିଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି ଲେକ୍ରିମେଶନ୍। କାରଣ ଏଥିରେ ଲେକ୍ରିମେମଲ ଗ୍ଲାଣ୍ଡ କାମ କରିଥାଏ, ଯାହାକି ଆଇବଲ ଓ ଆଇଲିଡ ମଧ୍ୟ ଭାଗରେ ଥାଏ। ଯଦି ଲୁହ ବହୁତ ସମୟ ଓ ଅଧିକ ବହେ ତେବେ ଉକ୍ତ ଗ୍ଲାଣ୍ଡ ଅନ୍ୟ ଆଡକୁ ଚାପ ବାଣ୍ଟିଦିଏ। ଫଳରେ ଅଧିକ କାନ୍ଦିଲେ ଆଖିରୁ ଲୁହ ବୋହିବା ସହ ନାକରୁ ସିଙ୍ଗାଣୀ ବି ବୋହିଥାଏ। ଏହା ମଧ୍ୟ ଲୁହ, ହେଲେ ଏହା ନାକ ଦେଇ ପ୍ରବାହିତ ହେଉଥିବାରୁ ମ୍ୟୁକସ୍ ଯୋଗୁ ଅଠାଳିଆ ଲାଗେ। ମନୋବୈଜ୍ଞାନିକ ମତ ଦିଅନ୍ତି ଯେ,  ଭାବନାକୁ ନେଇ କାନ୍ଦିବା ଭଲ। ଏହାଦ୍ୱାରା କେବଳ ଆଖି ନୁହେଁ, ଆମର ମାନସିକ ସ୍ୱାସ୍ଥ୍ୟ ବି ଭଲ ହୁଏ।

**ଲୁହ ଏକ ନନ୍ ଭର୍ବାଲ ସଙ୍କେତ:** ପିଲାମାନେ କଥା କହିବା ଜାଣି ନ ଥିବା ବେଳେ କାନ୍ଦ ମାଧ୍ୟମରେ ବାପାମା'ଙ୍କ ଧ୍ୟାନ ଆକର୍ଷଣ କରିବା ସହ ନିଜର ଭାବକୁ ପ୍ରକାଶ କରନ୍ତି ଓ ସାହାଯ୍ୟ ଦରକାର ବୋଲି ଜଣାନ୍ତି। ଏହା ଦର୍ଶାଏ କି ଲୁହ ନନ ଭର୍ବାଲ ବା ଅବାଚନିକ ସମ୍ବାଦର ଏକ ରୂପ।

**ବିକଶିତ ଦେଶର ମହିଳା ଅଧିକ କାନ୍ଦନ୍ତି:** ୨୦୧୧ରେ ୩୫ଟି ଦେଶର ମହିଳାଙ୍କ କାନ୍ଦକୁ ନେଇ ଏକ ଗବେଷଣା ହୋଇଥିଲା। ଏଥିରେ ବିକଶୀତ ଓ ବିକାଶଶୀଳ ଦେଶ ଉଭୟ ଥିଲେ। ଗବେଷଣାରୁ ଜଣାପଡ଼ିଲା ଯେ, ବିକଶୀତ ବା ଧନୀ ଦେଶ ଯେମିତିକି ଆମେରିକା, ସ୍ୱୀଡେନ, ଫ୍ରାନ୍ସର ମହିଳାମାନେ ଅଧିକ କାନ୍ଦନ୍ତି। ଆଉ ବିକାଶଶୀଳ ଦେଶର ନାରୀ କମ୍ କାନ୍ଦନ୍ତି। ଏହାର କାରଣ ହେଉଛି ବିକଶିତ ଦେଶରେ ମହିଳାଙ୍କର ଭାବ ପ୍ରକାଶ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଅଛି। ହେଲେ ବିକାଶଶୀଳ ଦେଶର ନାରୀଙ୍କ ପାଖରେ ଏହି ସ୍ୱାଧୀନତା ବିଶେଷ ନ ଥାଏ।





# ନାକରେ ଦିଆସିଲି କାଠି !

**ଆ**ଜିକାଲି ଲୋକେ ଫେମସ୍ ହେବା ପାଇଁ କିଛି ବି କରିବାକୁ ପ୍ରସ୍ତୁତ ହେଇଯାଉଛନ୍ତି। ଜୀବନ ପ୍ରତି ବିପଦ ଥିଲେ ବି ପଛଘୁଞ୍ଚା ଦେଉ ନାହାନ୍ତି। ଏଇ ଯେମିତି ଡେ଼ନମାର୍କର ଜଣେ ବ୍ୟକ୍ତି ଫେମସ୍ ହେବା ପାଇଁ ନିଜ ନାକରେ ଗୋଟେ କି ଦୁଇଟି ନୁହେଁ ୬୮ଟି ଦିଆସିଲି କାଠି ପୁରାଇ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ସେ ହେଉଛନ୍ତି ପିଟର ୱନ ଟାନଗେନ୍ ବୁସକୋଭ୍। ୩୯ ବର୍ଷୀୟ ବୁସକୋଭ୍ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେ କି, ଏଭଳି ଏକ ଅଜବ ରେକର୍ଡ କରିଛନ୍ତି। ପିଟର କୁହନ୍ତି, ଏତେ ଦିଆସିଲି କାଠି ନାକରେ ପୁରାଇଥିଲେ ହେଁ ମତେ କଷ୍ଟ ହୋଇ ନ ଥିଲା। କାରଣ ମୋ ନାକର ଛିଦ୍ର ବହୁତ ବଡ଼। ଆଉ ଚର୍ମ ବି ବହୁତ ନମନୀୟ। ତେବେ ଏଥିପାଇଁ ଆଗରୁ ବହୁତ ଅଭ୍ୟାସ କରିବାକୁ ପଡ଼ିଥିଲା। ଆଗାମୀ ଦିନରେ ମୁଁ ନାକରେ ଆହୁରି ଅଧିକ ଦିଆସିଲି କାଠି ପୁରାଇ ନିଜ ରେକର୍ଡ ଭାଙ୍ଗିବାକୁ ଚେଷ୍ଟା କରିବି। ପିଲାଦିନେ ମୁଁ କେବେ କୌଣସି ଜିନିଷ ନାକରେ ପୁରାଇ ନ ଥିଲି। ଏମିତିକି ବଡ଼ ହେବା ପରେ ଅନ୍ୟମାନଙ୍କୁ କହୁଥିଲି ଯେ, ନାକରେ କିଛି ଧାରୁଆ ଜିନିଷ ପୁରାଇବା ବିପଜ୍ଜନକ ହୋଇପାରେ। ହେଲେ ଏବେ ରେକର୍ଡ ନିଶାରେ ନିଜେ ଦିଆସିଲି କାଠି ପୁରାଉଛି। ତଥାପି ଏବେ ବି ମୁଁ କହିବି ଅନ୍ୟ କେହି ଏଭଳି କରିବା ବିପଜ୍ଜନକ ହୋଇପାରେ।'



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ସ୍ୱାଧୀନତା... ଜନ୍ମଗତ ଅଧିକାର

ନାକୁଆଟା ନାକରା ପିଲା ନୁହଁ, ମାତ୍ର ତା' ନାକ ଅଗରେ ରାଗ। ସିଏ ଯାହା ବୁଝିଥିବ ସେଇଆ। ତା' କଥା ଉପରେ କିଏ କଥା କହିଲେ, ତା'ର ମଥା ବିନ୍ଧେ। ମନ୍ଦଗୁଣ ବାଛିଲେ... ମୁଣ୍ଡକୁ ପିତ୍ତ ଚଢ଼େ। ସେ ଗୁରୁ, ଗୁରୁଜନ ହୁଅନ୍ତୁ କି ଆଉ କେହି, ତା' ଇଚ୍ଛା ବିରୁଦ୍ଧରେ ଗଲେ କି କୋଉ କାମରେ ଅଟକେଇଲେ.. ପାଚିଲା ନାଲି ଲଙ୍କା ପ୍ରାୟେ ତା ଗାଲ ଲାଲ ଦେଖାଯାଏ। ଯେବେଠୁ ଜଣେ ମାନ୍ୟଗଣ୍ୟ ନେତୃସ୍ଥାନୀୟ ବ୍ୟକ୍ତିଙ୍କଠୁ ଶୁଣିଲାଣି.. ସ୍ୱାଧୀନତା ଆମର ଜନ୍ମଗତ ଅଧିକାର, ସେବେଠୁ ଏମିତି ସଦ୍‌ଗୁଣ ପଶିଯାଇଛି ତା' ଅନ୍ତର ଭିତରେ ଆଉ ବଦଳିଯାଇଛି ବ୍ୟବହାର। ବୁଝିଛି ଯେ ତାକୁ ଏଇ ଅଧିକାରରୁ କେହି ବେଦଖଲ କରିପାରିବେନି। ସ୍ୱାଧୀନ ଭାବେ ଆପଣା ଇଚ୍ଛା ମୁତାବକ ଚଳିବା ହିଁ ଅସଲ ମଣିଷପଣିଆ। ତା' କର୍ମ କି ଚିନ୍ତାକୁ କେହି ଯଦି ବେଠିକ୍ କି ବେନିୟମ ବୋଲି କହିଲେ, ତେବେ ଘର ହେଉ କି ବାହାର, ଜାଣ ଅକାଳରେ ପ୍ରଳୟକୁ ଆମନ୍ତ୍ରଣ କଲେ! ସ୍ୱାଧୀନତା ତା'ର ଜନ୍ମଗତ ଅଧିକାର.. ଏଇ କଥାକୁ ସାବ୍ୟସ୍ତ କରିବାକୁ ଯାଇ ତା' ନାଁରେ ଗଦା ଗଦା ମାର୍‌ପିଟି ମାମଲା ଥାନାରେ ତାଲିକାଭୁକ୍ତ ହୋଇସାରିଛି। ଅନେକବାର ଫାଇନ୍ ଭରି କେତେ କେସ୍ ଫାଇନାଲ କରେଇଛି। ତଥାପି ସ୍ୱାଧୀନତା ତା' ଜନ୍ମଗତ ଅଧିକାର ନୀତିକୁ ଜାବୁଡ଼ି ଧରିଛି। ତା ପାଇଁ ଖାଦ୍ୟ-ଅଖାଦ୍ୟ, ସୁକର୍ମ-କୁକର୍ମ, ଭାଷା-ଅଭାଷା ସବୁ ସମାନ। ଯେହେତୁ ସେ ସ୍ୱାଧୀନ, ମନଚାହୁଁଛି ତ ଖାଇଯିବ! ସେଥିରେ ପୁଣି ଆମିଷ-ନିରାମିଷ.. ତିଥି ବାର ବିଚାର କ'ଣ ଦର୍କାର? ଯାହା ମନକୁ ଆସୁଛି ସ୍ୱାଧୀନ ଭାବରେ କହିବା! ସେଥିପାଇଁ ଶୀଳ-ଅଶ୍ଳୀଳ, ଗୁରୁଜନ -ଲଘୁଜନ ଭାବିବା କି ଆବଶ୍ୟକ? ସୁକାର୍ଯ୍ୟ-କୁକାର୍ଯ୍ୟ ଏମିତି ବିଚାରକରି ଚଳିଲେ ନିଜ ଇଚ୍ଛା ଆଉ ମନକୁ ବାଡ଼ବତା ଦେଇ ବାନ୍ଧିଲେ କି ସ୍ୱାଧୀନତା? ସେ ଭଲ ଭାବରେ ବୁଝିଛି ଯେ, ମନ ଚାହୁଁଥିବା ଇନ୍ଦ୍ରିୟଭୋଗ ଇଚ୍ଛାକୁ ଚରିତାର୍ଥ କରିବା ସ୍ୱାଧୀନତା ! ସେଥିରୁ ନିବୃତ୍ତ ହେବା.. ପରାଧୀନତା! ସେ କଥା କହିବାରେ ଓସ୍ତାଦ୍। ଏମିତି ତର୍କକରି ବୁଝେଇବ ଯେ, ଆଛା ଆଛା ବିଜ୍ଞଜନଙ୍କ କଛା ଖୋଲିଦେବ.. ପାଟି ବନ୍ଦ ହୋଇଯିବ! ଅନୀତିଆ କଥା ଯେତେ, ସେସବୁ ନୀତିଗତ ବୋଲି ଧାରଣା ଜାତ ହେବ। କିନ୍ତୁ କିଛି ଅବୁଝା ପଣ୍ଡିତ, ନାହାକଙ୍କ ପରି ଗଣନାକରି କୁହନ୍ତି, ନାକୁଆର ନର୍କଗତି ଅଲ୍‌ବତ ହେବ!

ଏ ସଂସାରରେ ନାକୁଆ ଏକା ନୁହଁ, ବରଂ ତା' ସମଗୁଣୀ ପୁଅ ଝିଅ ଅନେକ ଅଛନ୍ତି । ଯେଉଁମାନେ ନିତ୍ୟ ନୂତନ କର୍ମକରି ଓ କରେଇ କୁଆଡ଼େ ହାଇଲାଇଟ୍ ହୁଅନ୍ତି, ରିଲ୍ କରି-ଭାଇରାଲ ହେବାକୁ ଭଲପାଆନ୍ତି। ହଉ ସେ କଥା ଛାଡ଼, ଆଗକୁ ପଢ଼ନ୍ତୁ!

ଏଇ କେଇବର୍ଷ ହେଲା ଗୋଟେ ସ୍ୱାଧୀନ ଚିନ୍ତାଧାରୀୟ ପର୍ବ ଆମ ଦେଶରେ ଖୁବ୍ ଆସ୍ଥା ଜମେଇ ଯୁବଗୋଷ୍ଠୀଙ୍କୁ ମତୁଆଲା କରିଛି। ଭାରି ଭଲ କଥା। ଏଇ ପରବ ଦିନେ କି ଓଳିଏ ନୁହଁ, ପୂରା ହପ୍ତାଏ ଯାଏଁ ଉଚ୍ଛୁଳା ପ୍ରେମର ଛନ୍ନଛନିଆଁ ମନରେ ପାଳନ ହେଉଛି। ଏମିତିକା ମଉକାକୁ ନାକୁଆ ଭଳିଆ ଟୋକା କି ଛାଡ଼େ? ନା, ଜମା ନୁହେଁ। ତେଣୁ ଏଇ ଇମ୍ପୋର୍ଟେଡ୍ ପର୍ବ ଆରମ୍ଭରୁ ସାତଦିନ ଯାଏଁ..ତା'ର ଅଧ ଡଜନରୁ ଅଧିକ ଗର୍ଲଫ୍ରେଣ୍ଡଙ୍କୁ ସମବିଚାରରେ ସମସ୍ତଙ୍କୁ ସମୟାନୁସାରେ ସମୟଦିଏ। ପ୍ରପୋଜ୍ କରିବା ଆଗରୁ ଚକୋଲେଟ୍ ଦେଇ ପରେ ରୋଜ୍, କିସ୍, ଟେଡି ଦେଇ ହଗ୍-ହଗା କରେଇ, ଫେବୃଆରୀ ଚଉଦରେ ଫାଇନାଲ ମ୍ୟାଚ୍ ଖେଳିବାକୁ ସବୁଠୁ ମନପସନ୍ଦିଆ ସୁନ୍ଦରୀ ତରୁଣୀ -ପ୍ରେମିକା ଶିରୋମଣି ନୀତୁରାଣୀକୁ ସାଙ୍ଗରେ ଧରି ସହରଠୁ ଦୂର ଗୋଟେ ପାହାଡ଼ିଆ ଝରଣା ଜଙ୍ଗଲ ଥିବା ଜାଗାକୁ ଚାଲିଗଲା। ଏଇ ବିଦେଶୀ ପର୍ବର ବିଧି ଅନୁସାରେ



ରୋମାନ୍ସ -ଏନ୍‌ଜୟ କରିବା ଆଗରୁ ଭଲକି ବିଦେଶୀ ପାନୀୟ ତଥା ଚିକେନ୍ ପକଡ଼ାଦିରେ କ୍ଷୁଧା ନିବାରଣାନ୍ତେ, ଅନ୍ତର୍ମନ ତୃପ୍ତିସାଧନ ପାଇଁ ଉଭୟେ ପାହାଡ଼ ଶିଖରକୁ ଉଠି, ଝରଣାକୁ କରି ପିଠି କିଛି ସେଲ୍ଫି ନେବା ଓ ରିଲ୍ ବନେଇବା ନିହାତି ଜରୁରୀ ମନେକଲେ। ତା ଆଗରୁ ନାକୁଆ ନିଜକୁ ପ୍ରେମିକରାଜା ସଜେଇବାକୁ ଭାବି, ତା ଗାଡୁଆ ଆଖି ହାଡୁଆ ଦେହରୁ ଶାର୍ଟ କାଢି.. ମୁକୁଟପ୍ରାୟେ ମୁଣ୍ଡରେ ଦେଲା ଭିଡ଼ି। ଖାଡ଼ିଆ ବଡି ଦେଖେଇ କହିଲା.. ନୀତୁ! ଜାଣିଛ... ଏଇଟା ବୃସଲି ଚେହେରା.. ଷ୍ଟାମିନା ଭର୍ତ୍ତି। ନୀତୁ କହିଲା.. ହଁ ପରା, ତମ ଟଳମଳ ପାଦ ଆଉ ପଞ୍ଜରା ହାଡ଼ ହିଁ ତା'ର ପ୍ରମାଣ! ହଉ ଏଥର ସେଲ୍ଫି ପାଇଁ ପୋଜ୍ ଦେବାକୁ କହି ଉଭୟେ ଅଣ୍ଟାକୁ ଆଣ୍ଟକରି ଗୋଟାଏ ହାତରେ ଧରି, ମୁଖ ବିକୃତିକରି ଠିକ୍ ମୋବାଇଲରେ କ୍ଲିକ୍ କରୁକରୁ ଏଇ ସ୍ୱାଧୀନଚେତା ନୀତୁ ଓ ନାକୁଆଙ୍କୁ ଭାଲେଣ୍ଟାଇନିଆ ଦିଅଁ ତୁରନ୍ତ ଫଳ ଦେଇଦେଲେ। ପାହାଡ଼ ଉପରୁ ତଳେଥିବା ଆବଡ଼ା ଖାବଡ଼ା ପଥରରେ ଭଲକି ପିଟା ଛେଚେଇ, ଦୀର୍ଘଦିନ ଉଭୟକୁ ସମଫଳ ଦେଇ ସମାନ ମେଡିକାଲରେ ସମାନ କୋଠରିରେ ବିଶ୍ରାମ ଓ କଥୋପକଥନ ସହ ଭାବର ଆଦାନ-ପ୍ରଦାନର ଅପୂର୍ବ ସୁଯୋଗ ଦେଲେ।

ଏସବୁ ଭାଲେଣ୍ଟାଇନିଆ ଦିଅଁଙ୍କ ପ୍ରତି ଥିବା ପ୍ରବଳ ଭକ୍ତି ଯୋଗୁ ସିନା ସମ୍ଭବହେଲା!

ସନ୍ନ୍ୟାସୀଙ୍କ ସମାଧି-ଧ୍ୟାନଭଗ୍ନ ହେଲାପରି ନାକୁଆର ଦି' ଦିନ ପରେ ପ୍ରେମରାଜ୍ୟରୁ ଅବତରଣ ହେଲା। ଚେତା ଫେରିଲା। ଆଖିଖୋଲି ଦେଖିଲା.. ପିଲାରୁ ମଣିଷ କରିବାକୁ କାଖରେ ତୋଳିଧରୁଥିବା ବାପା-ମାଆ ପାଖରେ ଠିଆ। ତାଙ୍କ ପଛରେ ତା ପିଲାବେଳର ସାଙ୍ଗ ବିବେକ.. ତାକୁ ଚାହିଁଛି। ତା'ର ସ୍ୱାଧୀନ ଦେହ ହାତଗୋଡ଼ ଧଳା କପଡ଼ାରେ ବନ୍ଧନ, ସେ ଡାକ୍ତରଙ୍କ ଅଧୀନ। ଚେତା ଫେରିବା ଦେଖି ବାପା-ମା'ଙ୍କ ଖୁସି କହିଲେ ନ ସରେ। ଏହି ସମୟରେ ବିବେକ ତାଙ୍କୁ ନିତ୍ୟକର୍ମ ସାରିବାକୁ ଜୋର୍ କରେଇ ପଠେଇଦେଲା। ନାକୁଆକୁ କହିଲା.. କିରେ! ତୋ ଜନ୍ମଗତ ସ୍ୱାଧୀନତା ଏବେ କୁଆଡ଼େଗଲା ? ତୁ କ'ଣ ଏବେ ସ୍ୱାଧୀନଭାବରେ ବୁଲିବାକୁ ଯାଇପାରିବୁ ନା ମନଇଚ୍ଛା ଖାଇପିଇ ଏନ୍‌ଜୟ କରିପାରିବୁ? ତୁ ସ୍ୱାଧୀନବୋଲି ନିଜକୁ ଘୋଷଣାକରି, ତୋ ମନ ଇନ୍ଦ୍ରିୟ -ପଶୁ ପ୍ରବୃତ୍ତିର ଦାସହୋଇ ଏମିତିକା ପରାଧୀନ ହୋଇଗଲୁଯେ, ଏବେ ତୁ ତୋ ସେଇ ସ୍ୱାଧୀନତା.. ମେଡିକାଲ ଖଟିଆରେ ଶୋଇ ପାଳନ କରୁଥା! ନାକୁଆ ଆଖିରେ ଲୁହ ଦେଖି ବିବେକ କହିଲା.. ତୁ ଯଦି ତୋ ଅନ୍ତରଆତ୍ମା କଥା ଶୁଣି ବିବେକ ଅନୁସାରେ କାମ କରିଥାନ୍ତୁ। ସାଧୁ, ଗୁରୁ, ଗୁରୁଜନଙ୍କ ଅଧୀନରେ ରହିଥାନ୍ତୁ, ଆଜି ଏଇ ଅବସ୍ଥା ହୋଇ ନ ଥାନ୍ତା! ତୁ ଖାଦ୍ୟ ଖାଇନୁ, ତାହା ତୋତେ ଖାଇଛି। ନିଶା ତୋ ଜୀବନ ଶୋଷିନେଉଛି। ତୁ ଉପଭୋଗ କରିନୁ, ବରଂ ଉପଭୋଗିତ ହୋଇଛୁ। ହଉ ଛାଡ଼, ତତେ ମୁଁ କିଏ ଏମିତି କହି ତୋ ସ୍ୱାଧୀନ ମନକୁ ଆଘାତଦେବାକୁ? ହଉ, ମୁଁ ଆସୁଛି। ବିବେକ ଯାଉଯାଉ, ତା ହାତକୁ ବଡ଼କଷ୍ଟରେ ଟାଣି ଅଟକେଇ କାନ୍ଦୁକାନ୍ଦୁ ନାକୁଆ ଦେଖିଲା ଆରପଟେ ନୀତୁ ତାକୁ ଚାହିଁଛି। ନାକୁଆ ତାକୁ କହୁଥିଲା... ତୁ ଚିନ୍ତାକରନା ନୀତୁ। ଆମେ ଅତିଶୀଘ୍ର ଭଲ ହୋଇଯିବା। ଆରବର୍ଷ ଆଉ ବାଲାନ୍ସ ଫେଲ୍ ନ କରି ଫୁଲ୍ ରୋମାନ୍ସ କରିବା । ବିବେକ ଦୁହିଙ୍କ ମୁହଁକୁ ଖାଲି ବଲ ବଲ ହୋଇ ଚାହିଁଥିଲା!

-ମଙ୍ଗରାଜପୁର, ପୁରୀ

ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଭିନ୍ନ ସୃଷ୍ଟି: ଦିବ୍ୟ ଦୃଷ୍ଟି

**ବିପିନ୍ ମହାନ୍ତି ପ୍ରକାଶକ-ସୃଜନ ସ୍ୱପ୍ନ**
**ଏଲ୍‌ବି -୨୨୬, ବଡ଼ଗଡ଼ ବ୍ରିଟ୍ କଲୋନୀ**
**ଭୁବନେଶ୍ୱର-୧୮, ମୂଲ୍ୟ- ୨୦୦ଟଙ୍କା**


ଏହି ପୁସ୍ତକରେ ବିପିନ୍ ମହାନ୍ତି ୨୨ଜଣଙ୍କ କାବ୍ୟକୃତିକୁ ଚମତ୍କାର ଭାବେ ଆଲୋଚନା କରିଛନ୍ତି। ଯେଉଁଥିରେ ରହିଛନ୍ତି ଫନୀ ମହାନ୍ତି, ମନୋଜ ପଟ୍ଟନାୟକ, ସାରଦା ପ୍ରସାଦ ସ୍ୱାଇଁ, ବୈଜୟନ୍ତୀ ସାହୁ, ପ୍ରତିମାରାଣୀ ମିଶ୍ର, ଭଗବାନ ସାହୁ ଓ ନୃସିଂହ ଷଡ଼ଙ୍ଗୀଙ୍କ ପରି ଅନେକ ପ୍ରବୀଣ ଓ ନବୀନ ଲେଖିକା ଲେଖକ। ଯାହାଙ୍କ କୃତି ଓ କୀର୍ତ୍ତିକୁ ନେଇ ବିପିନ୍ ଆଲୋଚନା କରିଛନ୍ତି । ବିପିନ୍ ଯେଉଁ ଆଲୋଚନାଗୁଡିକ ଏଥିରେ ସ୍ଥାନୀତ କରିଛନ୍ତି ତାହା ଅତ୍ୟନ୍ତ ଉଚ୍ଚ କୋଟୀର । ଏହି ପୁସ୍ତକ ଛାତ୍ର ଓ ଗବେଷକଙ୍କୁ ଅନେକ ସହାୟକ ହୋଇ ପାରିବ ବୋଲି ଆଶା ।




### ଜିଭାଭେଜ୍‌ରେ ଚା' କପେ

**ଡାକ୍ତର ଶ୍ରୀ ପ୍ରସାଦ ମହାନ୍ତି**
**ପ୍ରକାଶକ- ସନ୍ତୋଷ ବାରିକ, ସ୍ୱାବଲମ୍ବନ ପବ୍ଲିଶର୍ସ,**
**ବାଲେଶ୍ୱର, ମୂଲ୍ୟ- ୮୦ଟଙ୍କା**

'ଜିଭାଭେଜ୍‌ରେ ଚା' କପେ' ଡାକ୍ତର ଶ୍ରୀ ପ୍ରସାଦ ମହାନ୍ତିଙ୍କ କବିତା ପୁସ୍ତକ । ମହାନ୍ତି ଗପ ଲେଖକ ଭାବେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । କିନ୍ତୁ କବିତାରେ ମଧ ତାଙ୍କ ଦକ୍ଷତା ପ୍ରତିପାଦିତ ହୋଇଛି । ଶିଲଂର ଜିଭାଜେନ୍ ରେଷ୍ଟୁରାଣ୍ଟରେ ଚା ପିଇବାର ଅନୁଭୂତିରେ ଏ ପୁସ୍ତକଟି ଲେଖାଯାଇଛି । ଏହାର ପ୍ରଥମ କବିତା ରହିଛି 'ଜିଭାଭେଜ୍‌ରେ ଚା' କପେ'। ଏଥିରେ ଲେଖକ ସୁନ୍ଦର ଭାବେ ଶିଲଂ ଯାଉଥିବା ସିଦ୍ଧାର୍ଥ ଆଉ ମୋନା କଥା ବର୍ଣ୍ଣନା କରିଛନ୍ତି । ଗୁଆହାଟିରୁ ନାପଙ୍ଗ ପାଖରେ ପଡିବ ଜିଭାଭେଜ୍ ସୁନ୍ଦର ରେସ୍ତୋରାଁ। ସେଠି ସିଦ୍ଧାର୍ଥ ବରାଦ ଦେଇଥିବା କପେ ଚା' । ପୁସ୍ତକର ଯେଉଁ ଲେଖା ପଢନ୍ତୁ ଆପଣଙ୍କୁ ମୋହାଚ୍ଛନ୍ନ କରିବ।



### ଫଲ୍‌ଗୁ

**ଫଲ୍‌ଗୁ ସାହିତ୍ୟ ସଂସଦ,**
**ବ୍ରହ୍ମପୁର**
**ଗଞ୍ଜାମ,ମୂଲ୍ୟ- ୨୦୦ଟଙ୍କା**

ପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଫଲ୍‌ଗୁ ସାହିତ୍ୟ ସଂସଦ ତରଫରୁ ଫଲ୍‌ଗୁ ସ୍ୱନକ୍ଷତ୍ର ବିଶେଷାଙ୍କ ପ୍ରକାଶିତ ହୋଇଛି। ୧୮ଟି ବିଭାଗରେ ବିଶିଷ୍ଟ ସାହିତ୍ୟିକଙ୍କ ସୃଷ୍ଟି, କୀର୍ତ୍ତି ସ୍ଥାନିତ ହୋଇଛି ଯେଉଁ ଲେଖକମାନଙ୍କ ଲେଖା ଏଥିରେ ସ୍ଥାନ ପାଇଛି ସେମାନଙ୍କ ମଧ୍ୟରେ ଅମ୍ବରୀଶ ଶତପଥୀ, ପ୍ରଫେସର କୁମାରବର ଦାସ, ଡ. ଦାଶରଥି ଆଚାର୍ଯ୍ୟ, ଡ. କମ୍ବୁପାଣି ସାମନ୍ତ, ପ୍ରଫେସର ପ୍ରଫୁଲ୍ଲ କୁମାର ମାହାନ୍ତି, ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ମେଜର ରମାରମଣ ପାଢୀ ଓ ଡ. ବାସନ୍ତୀ ମହାନ୍ତି ଆଦି ପ୍ରମୁଖ ରହିଛନ୍ତି। ସ୍ୱନକ୍ଷତ୍ର ବିଶେଷାଙ୍କଟି ସାହିତ୍ୟିକ ଓ ଗବେଷକଙ୍କ ମଧ୍ୟରେ ଆଦୃତ ହେବ ବୋଲି ଆଶା କରାଯାଏ।



# ପ୍ୟାଡ ଓମେନ

ମଧ୍ୟପ୍ରଦେଶ ନରସିଂହପୁର ଜିଲାର ମାୟା ବିଶ୍ୱକର୍ମା ସାରା ଭାରତରେ ବେଶ୍ ପରିଚିତ 'ପ୍ୟାଡ ଓମେନ୍' ଭାବେ। ସେ ମଧ୍ୟପ୍ରଦେଶର ଆଦିବାସୀ ଅଞ୍ଚଳକୁ ଯାଇ ଲୋକଙ୍କୁ ମାସିକ ଧର୍ମ ଓ ତା'ସହ ଜଡ଼ିତ ସ୍ୱଚ୍ଛତା ସମ୍ପର୍କରେ ସଜାଗ କରାଉଛନ୍ତି। ମାୟା କୁହନ୍ତି,'୨୬ ବର୍ଷ ବୟସର ହେବା ପର୍ଯ୍ୟନ୍ତ ମୁଁ ନିଜେ ଋତୁସ୍ରାବ ଜନିତ ସ୍ୱଚ୍ଛତା ସମ୍ପର୍କରେ ଏତେଟା ଜାଣି ନ ଥିଲି। କାରଣ ମୋ ମା' ମୋ ସହ ଏ ସମ୍ପର୍କରେ କଥା ହେଉ ନ ଥିଲେ। ମାଇଁ ମତେ କପଡା ବ୍ୟବହାର କରିବା ଶିଖାଇଥିଲେ। ସେଥିପାଇଁ ମୋର



ଗମ୍ଭୀର ସଂକ୍ରମଣ ବି ହୋଇଥିଲା। ଆମ ଗାଁ ଝିଅମାନେ ମଧ୍ୟ ଏହି ସମସ୍ୟା ଦେଇ ଗତି କରୁଥିଲେ। ଭାବୁଥିଲି କେହି ନା କେହି ଏନେଇ ସଚେତନତା ସୃଷ୍ଟି କରିବା ପାଇଁ ମଙ୍ଗ ଧରିବା ଜରୁରୀ। ପରେ ମୁଁ ଜବଲପୁରରେ ବାଇଓକେମେଷ୍ଟ୍ରୀରେ ପୋଷ୍ଟ ଗ୍ରାଜୁଏସନ କରି ଏମ୍ସରେ ରିସର୍ଚ୍ଚ କଲି। ଏହାପରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଯେବେ ଲ୍ୟୁକେମିୟା କ୍ୟାନ୍ସର ଉପରେ ରିସର୍ଚ୍ଚ କରୁଥିଲି ମୁଁ ଋତୁସ୍ରାବ ଜନିତ ସ୍ୱଚ୍ଛତା ସମ୍ପର୍କରେ ଅନେକ କଥା ଜାଣିବାକୁ ପାଇଲି। ଆଉ ନିଷ୍ପତ୍ତି ନେଲି ନିଜ ଦେଶରେ ଏ ସମ୍ପର୍କରେ ସଚେତନତା ବଢାଇବାକୁ ଚେଷ୍ଟା କରିବି। ଭାରତ ଫେରିବା ପରେ ୨୦୧୬ରେ ମୁଁ ଭାରତର ପ୍ୟାଡମ୍ୟାନ ନାମରେ ପରିଚିତ ଅରୁଣାଚଳମ ମୁରୁଗନାଥମଙ୍କୁ ଭେଟିଲି। ସେଠି ମୁଁ ଦେଖିଲେ ମୁରୁଗୁନାଥମଙ୍କ ମେସିନ ଯେଉଁଥିରେ କଟନ୍ ପ୍ୟାଡ ତିଆରି କରାଯାଉଥିଲା। ତାଙ୍କଠାରୁ ଏକ ମେସିନ କିଣି ଗାଁକୁ ଆସି ଶସ୍ତା ପ୍ୟାଡ ତିଆରି କରି ଘରେ ଘରେ ମହିଳାଙ୍କୁ ବାଣ୍ଟିବା ସହ ଋତୁସ୍ରାବ ଜନିତ ସ୍ୱଚ୍ଛତା ସମ୍ପର୍କରେ ଜଣାଇଲି। ୨୦୧୬ ଶେଷ ବେଳକୁ ନିଜର ସବୁ ଜମାପୁଞ୍ଜି ଲଗାଇ ସୁକର୍ମା ଫାଉଣ୍ଡେଶନ ସ୍ଥାପନ କଲି। ଏବେ ୨୫-୨୬ ଗାଁର ମହିଳା ସାନିଟାରୀ ପ୍ୟାଡ ତିଆରି କରିବାରେ ମତେ ସାହାଯ୍ୟ କରୁଛନ୍ତି। ଏହି ପ୍ୟାଡକୁ ମୁଁ ମାଗଣାରେ ବାଣ୍ଟେ। ଖାସକରି ଆଦିବାସୀ ମହିଳାଙ୍କୁ ଏହି ପ୍ୟାଡ ବାଣ୍ଟେ। ସେଥିପାଇଁ ଅନେକେ ମତେ 'ପ୍ୟାଡ ଜିଜି' ବୋଲି ବି ଡାକନ୍ତି।

# ହାତ ନ ଥାଇ ଚଳାନ୍ତି କାର୍



ସାଧାରଣ ମଣିଷ ପକ୍ଷେ ଯାହା କରିବା ଅସମ୍ଭବ ମନେହୁଏ, ଅନେକ ସମୟରେ ହାତ ଗୋଡ ନ ଥିବା ମଣିଷମାନେ ନିଜର ଦୃଢ ମନୋବଳ ଦ୍ୱାରା ସମ୍ଭବ କରି ଦେଖାନ୍ତି। ଏଇ ଯେମିତି କେରଳ, ଇଡୁକିର ଜ୍ଜିଲିମୋଲ ମାରିଏଟ୍। ଜ୍ଜିଲିମୋଲଙ୍କର ଜନ୍ମରୁ ଦୁଇ ହାତ ନାହିଁ। ତେବେ ବି ସେ ନିଜ ଉପରୁ କେବେ ବିଶ୍ୱାସ ହରାଇ ନାହାନ୍ତି। ଫଳରେ ସେ ଚାରି ଚକିଆ ବାହନ ପାଇଁ ଡ୍ରାଇଭିଂ ଲାଇସେନ୍ସ ପାଇଥିବା ଏସିଆର ପ୍ରଥମ ଭିନ୍ନକ୍ଷମ ମହିଳା ହୋଇପାରିଛନ୍ତି। ଜ୍ଜିଲିମୋଲ ପେସାରେ ଜଣେ ଗ୍ରାଫିକ ଡିଜାଇନର୍। ବହୁ ପୂର୍ବରୁ ତାଙ୍କର ଚାରି ଚକିଆ ବାହନ ଚଳାଇବା ଲାଗି ଲାଇସେନ୍ସ ପାଇବାର ଇଚ୍ଛା ଥିଲା। ଆଉ ଏଇ ସ୍ୱପ୍ନ ପୂରଣ କରିବାରେ ତାଙ୍କୁ ସାହାଯ୍ୟ କରିଥିଲା ଆଧୁନିକ ଟେକ୍ନୋଲୋଜି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ।୨୦୨୩ରେ ଭିଆଇ ଇନୋଭେସନ୍ସ ନାମକ କେରଳର ଏକ ଷ୍ଟାର୍ଟଅପ୍ ଦ୍ୱାରା ଡେଭଲପ୍ କରାଯାଇଥିବା ଭଏସ୍ କମାଣ୍ଡ ସିଷ୍ଟମ ଦ୍ୱାରା ଜ୍ଜିଲିମୋଲ କାର୍‌ର ହେଡଲ୍ୟାମ୍ପ, ଇଣ୍ଡିକେଟର୍ ଅନ୍ ଅଫ୍ କରିପାରନ୍ତି, ୱାଇପର୍ ଚାଲୁ କରିପାରନ୍ତି। ଗୋଡରେ ସେ ଷ୍ଟିୟରିଂ ହ୍ୱିଲ ଓ ବ୍ରେକ୍, କ୍ଲଚ, ଏକ୍ସିଲରେଟର୍ କଣ୍ଟ୍ରୋଲ କରନ୍ତି। ଆଉ ଆତ୍ମବିଶ୍ୱାସର ସହ ଏତେ ଭଲଭାବେ କାର୍ ଚଲାନ୍ତି ଯେ, ସମସ୍ତେ ଅବାକ୍ ହୋଇଯାଆନ୍ତି। ତେଣୁ ତାଙ୍କୁ ଲାଇସେନ୍ସ ମିଳିପାରିଲା।





# ନଦୀ ଭିତରେ ଘର





ବିହାରର ଜଣେ ଯୁବଇଞ୍ଜିନିୟର ବନ୍ୟାଞ୍ଚଳର ଲୋକଙ୍କ ପାଇଁ ତିଆରି କରିଛନ୍ତି ଏକ ସ୍ୱତନ୍ତ୍ର ପ୍ରକାରର ଭାସମାନ ଘର। ଯାହା ସମ୍ପୂର୍ଣ୍ଣଭାବେ ଇକୋ ଫ୍ରେଣ୍ଡଲି। ଅର୍ଥାତ୍ ଏହାର ତିଆରିଠୁ ଆରମ୍ଭ କରି ସାଜସଜା ପର୍ଯ୍ୟନ୍ତ ସବୁକିଛି ପ୍ରାକୃତିକ ସାମଗ୍ରୀ ବ୍ୟବହାର କରି କରାଯାଇଛି। ଏହି ଘର ଆରା ସହରଠାରୁ ୧୫ କି.ମି. ଦୂର ବଡ଼ହରା ଅଞ୍ଚଳର ମହୁଲି ଗଙ୍ଗା ନଦୀରେ ଅଛି। ଆରାର ଯୁବ ଇଞ୍ଜିନିୟର ପ୍ରଶାନ୍ତ କୁମାର ଏହାକୁ ତିଆରି କରିଛନ୍ତି। ଏଥିପାଇଁ ତାଙ୍କୁ ୬ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ସେ କୁହନ୍ତି, 'ଏହି ଘରକୁ ମୁଁ ଗ୍ରାମୀଣ ଘର ପରି ତିଆରି କରିଛି। ଏଥିରେ ୬-୭ ଜଣ ଆରାମରେ ରହିପାରିବେ। ତେବେ ମୋର ଏହି ଘର କରିବା ପଛର ଉଦ୍ଦେଶ୍ୟ ହେଉଛି ଯେଉଁମାନେ ବନ୍ୟାଞ୍ଚଳରେ ରୁହନ୍ତି ବନ୍ୟା ବେଳେ ସେମାନଙ୍କୁ ଘର ଛାଡି ଅନ୍ୟତ୍ର ଯିବାକୁ ହୁଏ। ତେବେ ଏହି ଘର ବର୍ଷାଦିନେ ବନ୍ୟା ସମୟରେ ଭାସିବ। ଫଳରେ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ହେବାର ଆବଶ୍ୟକତା ପଡିବ ନାହିଁ। ଏହାବାଦ ଉକ୍ତ ଘର ଖରାଦିନେ ଥଣ୍ଡା ରହିବା ସହ ଶୀତଦିନେ ଗରମ ରହିବ। ମୁଁ ଏହି ଘରକୁ ପର୍ଯ୍ୟଟନ ପାଇଁ ବି ବ୍ୟବହାର କରିବି। ପର୍ଯ୍ୟଟକ ଏହି ଘରେ ପ୍ରକୃତି ସହ ଜଡିତ ରହିବେ। ଆଉ ଏକ ନିଆରା ଅନୁଭବ ପାଇବେ। ଆଗାମୀ ଦିନରେ ମୁଁ ଦେଢରୁ ଦୁଇ ଲକ୍ଷ ଟଙ୍କାରେ ଏଭଳି ଘର ତିଆରି କରିବାକୁ ଯୋଜନା ରଖିଛି। କାରଣ ଗ୍ରାମୀଣ ପରିବାର ପାଇଁ ୬ ଲକ୍ଷ ଟଙ୍କା ଅଧିକ ହୋଇଯିବ।'